୨୩-୨୯ ମାର୍ଚ୍ଚ , ୨୦୨୫

ରବିବାର

# ସିନ୍ଧୁରା

ସକାଳ
THE SAKALA

- ଅର୍ଥନୈତିକ ଅସ୍ଥିରତା
- ଭାରତୀୟ ଅର୍ଥନୀତି: ଅସ୍ଥିର ପରିସ୍ଥିତି ଓ ସମାଧାନ
- ଆର୍ଥିକ ଅସମାନତା : ପ୍ରକାର ଓ ପ୍ରତିକାର
- ଅନିଶ୍ଚିତତାରେ ବିଶ୍ୱ ଅର୍ଥନୀତି




# ଅସ୍ଥିର ଅର୍ଥନୀତି



ଗୋଟିଏ ରାଷ୍ଟ୍ରର ବିକାଶ ତା'ର ଅର୍ଥନୀତି ଉପରେ ନିର୍ଭରଶୀଳ । ଯଦି କୌଣସି ଦେଶରେ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି ହୁଏ । ତେବେ ଏହାଦ୍ୱାରା ସାରା ଦେଶବାସୀ ପ୍ରଭାବିତ ହୋଇଥାନ୍ତି । ବର୍ତ୍ତମାନ ବିଶ୍ୱର କେତେକ ରାଷ୍ଟ୍ରରେ ଆର୍ଥିକ ଅସ୍ଥିରତା ଲାଗି ରହିଛି । ବିଶେଷ କରି କୋଭିଡ୍ ମହାମାରୀ ପରଠାରୁ ସାରା ବିଶ୍ୱରେ ଅର୍ଥନୈତିକ ଅସ୍ଥିରତା ଦେଖାଦେଇଛି । ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଆମେରିକାରେ ମଧ୍ୟ ଆଗକୁ ଆର୍ଥିକ ମାନ୍ଦାବସ୍ଥା ଦେଖିବାକୁ ମିଳିବ ବୋଲି ପୂର୍ବାନୁମାନ କରାଯାଉଛି । ନିକଟ ଅତୀତରେ ଆମେରିକୀୟ ସେୟାର୍ ବଜାର ହ୍ରାସ ପାଇଥିଲା । ଏହାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ଆମେରିକାରେ ମାନ୍ଦାବସ୍ଥାର ଭୟ ଭାରତୀୟ ବଜାରକୁ ମଧ୍ୟ ଅସ୍ଥିରତା ଆଡ଼କୁ ଅଗ୍ରସର କରାଉଛି । ବିଗତ କିଛି ମାସ ହେଲା ଭାରତର ଅର୍ଥନୀତିରେ ଅସ୍ଥିରତା ଦେଖାଯାଇଛି । ଇକ୍ୱିଟି ବଜାରରେ ହ୍ରାସ, ନିରନ୍ତର ବିଦେଶୀ ପୋର୍ଟଫୋଲିଓ ନିବେଶ ହ୍ରାସ, ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ, ଭାରତୀୟ ଷ୍ଟକ୍ ବଜାରରେ ଅସ୍ଥିରତା ଦେଖାଦେଇଛି । ବିଶ୍ୱ ମାନ୍ଦାବସ୍ଥାର ପ୍ରଭାବ ଭାରତୀୟ ଅର୍ଥନୀତି ଓ ବଜାରକୁ ଆହୁରି ଅସ୍ଥିର କରିପାରେ । ଭାରତ ଉପରେ ଶୁଳ୍କ ନୀତି ଲାଗୁ କରାଯିବ ବୋଲି ଅମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ୍ ଧମକ ଦେଇସାରିଛନ୍ତି । ଯଦି ଆମେରିକା ଭାରତ ଉପରେ ଶୁଳ୍କ ନୀତି ଲାଗୁ କରେ, ତେବେ ଭାରତୀୟ ଅର୍ଥନୀତି ପାଇଁ ବଡ଼ ଝଟ୍‌କା ଲାଗିବ । ସେହିପରି ଆମେରିକା ବଜାରରେ ମାନ୍ଦାବସ୍ଥା ସୃଷ୍ଟି ହେଲେ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ । କାରଣ ଆମେରିକାରେ ଆର୍ଥିକ ମାନ୍ଦାବସ୍ଥା ଦେଖାଦେଲେ, ଏହା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥାଏ । ଏହି ପରିପ୍ରେକ୍ଷୀରେ ବିଶ୍ୱ ଅର୍ଥନୀତିଠାରୁ ଆରମ୍ଭ କରି ଭାରତୀୟ ଅର୍ଥନୀତି ପର୍ଯ୍ୟନ୍ତ କାହିଁକି ଅସ୍ଥିରତା ଲାଗିରହିଛି, ଏହା ପଛର କାରଣ କ'ଣ, ଅସ୍ଥିର ଅର୍ଥନୀତିକୁ କିଭଳି ସାମ୍ନା କରି ଦେଶର ଅର୍ଥନୈତିକ ସ୍ଥିତିକୁ ସୁଦୃଢ଼ କରିହେବ, ଏହାକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ : **ଅସ୍ଥିର ଅର୍ଥନୀତି**

**ପ୍ରସ୍ତୁତି 'ସକାଳ' ବ୍ୟୁରୋ**



# କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ଅନେକ ସମସ୍ୟା ସହ ଲଢ଼ି ସଫଳତା ପାଇବେ । ମଙ୍ଗଳ, ବୁଧବାରରେ ଆୟରେ ଉନ୍ନତି ପାଇଁ ନୂତନ ରାସ୍ତା ପାଇବେ । ବନ୍ଧୁବାନ୍ଧବଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ସ୍ୱାଧୀନତାରେ ବାଧା ଉପୁଜିପାରେ । ଗୁରୁତ୍ୱପୂର୍ଣ୍ଣ କାମ ବିଗିଡ଼ି ଯାଇପାରେ ।

**ବୃଷ**
ରବି, ସୋମବାରରେ ମହିଳାମାନେ ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ବିଭିନ୍ନ ସ୍ଥାନରୁ କ୍ଷତିଗ୍ରସ୍ତ ହୋଇପାରନ୍ତି । ଗୁରୁ ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ନିଅନ୍ତୁ । ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅବହେଳା କରିବେ ।

**ମିଥୁନ**
ରବି, ସୋମବାରରେ କୋର୍ଟକଚେରି ମାମଲାରେ ପଡ଼ିଯାଇପାରନ୍ତି । କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ମଙ୍ଗଳ, ବୁଧବାରରେ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବେ । ଗୁରୁ, ଶୁକ୍ର, ଶନିବାରରେ ନିଜ ବୁଦ୍ଧି ବଳରେ ସଫଳତା ପାଇବେ ।

**କର୍କଟ**
ରବି, ସୋମବାରରେ ନିଜ ଲକ୍ଷ୍ୟରେ ଧ୍ୟାନ କେନ୍ଦ୍ରିତ କରିବେ । ମଙ୍ଗଳ, ବୁଧବାରରେ ତରବରିଆ ଭାବରେ ନିଷ୍ପତ୍ତି ନେବାରୁ ଦୂରେଇ ରୁହନ୍ତୁ । ବିଭିନ୍ନ କ୍ଷେତ୍ରରୁ ମିଶ୍ରିତ ଫଳ ପାଇବେ । ଗୁରୁ, ଶୁକ୍ର, ଶନିବାରରେ ବ୍ୟବସାୟିକ ଝମେଲା ଦେଖାଦେଇ ପାରେ ।

**ସିଂହ**
ରବି, ସୋମବାରରେ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ମଙ୍ଗଳ, ବୁଧବାରରେ କୌଣସି ଖବର ପାଇ ଉତ୍ସାହିତ ରହିବେ । ବନ୍ଧୁବାନ୍ଧବଙ୍କ ସହଯୋଗ ମିଳିବ । ଗୁରୁ, ଶୁକ୍ର, ଶନିବାରରେ ଧର୍ମାଦି କାର୍ଯ୍ୟରେ ମନ ବଳାଇବେ । ମହିଳାମାନେ ଚଳଚଞ୍ଚଳ ରହିବେ ।

**କନ୍ୟା**
ରବି, ସୋମବାରରେ ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ । ମଙ୍ଗଳ, ବୁଧବାରରେ ଆୟର ନୂତନ ସ୍ରୋତ ଉନ୍ମୋଚନ ହେବ । ଗୁରୁ, ଶୁକ୍ର, ଶନିବାରରେ କଠିନ ପରିଶ୍ରମର ଫଳ ପାଇବେ । ଶାରୀରିକ ଅସୁସ୍ଥତା ପାଇଁ ଖର୍ଚ୍ଚାନ୍ତରେ ପଡ଼ିଯାଇପାରନ୍ତି ।

**ତୁଳା**
ରବି, ସୋମବାରରେ ପଦୋନ୍ନତିର ଯୋଗ ରହିଛି । କର୍ମକ୍ଷେତ୍ରରେ ଦାୟିତ୍ୱ ବୃଦ୍ଧି ହେବ । ମାନସମ୍ମାନର ଅଧିକାରୀ ହେବେ । ମଙ୍ଗଳ, ବୁଧବାରରେ ପରିବାର ସହ ତୀର୍ଥସ୍ଥାନ ଦର୍ଶନ କରିବାକୁ ଯାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ନୂତନ ସାହସ ସଂଚାର କରି ଆଗକୁ ବଢ଼ିବେ ।

**ବିଛା**
ରବି, ସୋମବାରରେ ଅଯଥା ଚିନ୍ତାକରି ମାନସିକ ଅବସାଦରେ ରହିପାରନ୍ତି । ମଙ୍ଗଳ, ବୁଧବାରରେ ଧାର୍ମିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଗୁରୁ, ଶୁକ୍ର, ଶନିବାରରେ ନୂତନ ସମ୍ପର୍କରେ ବାନ୍ଧି ହୋଇପାରନ୍ତି । ପରିବାରରେ ଅଶାନ୍ତି ଲାଗି ରହିବ ।

**ଧନୁ**
ରବି, ସୋମବାରରେ ଶୁଭ କାର୍ଯ୍ୟରେ ଯୋଗ ଦେବେ । ମଙ୍ଗଳ, ବୁଧବାରରେ ଉତ୍ସାହିତ ହୋଇ ଅଯଥା ଖର୍ଚ୍ଚ କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭାଙ୍ଗିଯାଇଥିବା ସମ୍ପର୍କ ପୁନଶ୍ଚ ଯୋଡ଼ି ହୋଇଯିବ । ସାଙ୍ଗସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।

**ମକର**
ରବି, ସୋମବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ । ମଙ୍ଗଳ, ବୁଧବାରରେ ଶୁଭ ସମାଚାର ପାଇପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଭୂସଂପତ୍ତି ଆଦି କ୍ରୟ କରିପାରନ୍ତି । ପାରିବାରିକ ମିଳାମିଶା ଓ ସୁଖସମୃଦ୍ଧି ବୃଦ୍ଧି ପାଇବ ।

**କୁମ୍ଭ**
ରବି, ସୋମବାରରେ ପୈତୃକ ସମ୍ପତ୍ତିର ଅଧିକାରୀ ହେବେ । ମଙ୍ଗଳ, ବୁଧବାରରେ ଧର୍ମକାର୍ଯ୍ୟରେ ଯୋଗଦାନ ଦେଇ ଆତ୍ମସନ୍ତୋଷ ପାଇବେ । ମହିଳାମାନେ ଏକୁଟିଆ ରହିବାକୁ ପସନ୍ଦ କରିବେ । ଗୁରୁ ,ଶୁକ୍ର, ଶନିବାରରେ ଉଚ୍ଚ ବିଚାର ଏବଂ ସକାରାତ୍ମକ ଚିନ୍ତାଧାରା ଧରି ଆଗକୁ ବଢ଼ିବେ ।

**ମୀନ**
ରବି, ସୋମବାରରେ ନୂତନ ନିବେଶ ପାଇଁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ପାଇବେ । ମଙ୍ଗଳ, ବୁଧବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ଗୁରୁ ,ଶୁକ୍ର, ଶନିବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟରରେ ଉନ୍ନତି ପାଇଁ ଉତ୍ତମ ସୁଯୋଗ ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଅର୍ଥନୈତିକ ଅସ୍ଥିରତା



ଡକ୍ଟର ଉମା ଚରଣ ପତି

୨୦୨୪ ମସିହାରେ ପୃଥିବୀର ତିନୋଟି ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହାର ପରିଣାମ ତିନି ପ୍ରକାରରେ ଆମ ସାମ୍ନାକୁ ଆସିଲା। ଭାରତରେ ଶାସକ ଦଳ ପୁଣି ଶାସନକୁ ଫେରିଲା କିନ୍ତୁ ଆମେରିକାରେ ରିପବ୍ଲିକାନ୍ ପାର୍ଟିର ବିଜୟ ସହିତ ଡୋନାଲ୍ଡ ଟ୍ରମ୍ପ୍ ପୁଣି କ୍ଷମତାକୁ ଆସିବା ତଥା ଇଣ୍ଡୋନେସିଆରେ ସରକାର ପରିବର୍ତ୍ତନ ହେବା ପୃଥିବୀର ଅର୍ଥନୈତିକ ଏବଂ ରାଜନୈତିକ ଦୃଶ୍ୟପଟରେ ବିରାଟ ପରିବର୍ତ୍ତନର ଆଭାସ ହେବା ସାଙ୍ଗକୁ ଅର୍ଥନୈତିକ ଅସ୍ଥିରତାର ସମ୍ଭାବନା ସୃଷ୍ଟି ହେଇଛି। ଏଥିସହିତ ଇଉରୋପରେ ରାଜନୈତିକ ଏବଂ ଅର୍ଥନୈତିକ ଅନିଶ୍ଚିତତା ବହୁଳ ମାତ୍ରାରେ ବୃଦ୍ଧି ପାଇଛି। ଇଂଲଣ୍ଡରେ ବହୁତ ବର୍ଷ ପରେ ଲେବର୍ ପାର୍ଟି ଶାସନକୁ ଫେରିବା ସ ହି ତ ଅର୍ଥନୈତିକ ଅନିଶ୍ଚିତତା ଲାଗିରହିଛି। ଅଣପାରମ୍ପରିକ ଶକ୍ତି ଦିଗରେ ଅଗ୍ରସର ହେଉଥିବା ଦୃଷ୍ଟିରୁ ଇଉରୋପରେ ଅର୍ଥନୈତିକ ଖର୍ଚ୍ଚ ବୃଦ୍ଧି ହେବ ଦ୍ୱାରା ତଥା ଫ୍ରାନ୍‌ସରେ ରାଜନୈତିକ ଅନିଶ୍ଚିତତା ପରିପ୍ରେକ୍ଷୀରେ ଦେଖିଲେ ସମଗ୍ର ବିଶ୍ୱରେ ଅର୍ଥନୈତିକ ଅସ୍ଥିରତା ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଏହା ମଧ୍ୟ ମନେ ରଖିବା ଉଚିତ ଯେ, ଅର୍ଥନୈତିକ ଅସ୍ଥିରତା କେବଳ ବାହ୍ୟ ବା ଆନ୍ତର୍ଜାତିକ କାରଣରୁ ହୋଇନଥାଏ, ଅନେକ ଆଭ୍ୟନ୍ତରୀଣ ଅବସ୍ଥା ତଥା ବ୍ୟବସ୍ଥା ଦ୍ୱାରା ଅର୍ଥନୈତିକ ଅସ୍ଥିରତା ସୃଷ୍ଟି ହେବାର ଅନେକ ଉଦାହରଣ ଆମେ ଜାଣିଛୁ।

## ଅର୍ଥନୈତିକ ଅସ୍ଥିରତା କାହାକୁ କହିବା?

ଅର୍ଥନୈତିକ ଅସ୍ଥିରତା ଏମିତି ଏକ ଅବସ୍ଥା ଯେଉଁଠି ଗୋଟିଏ ଦେଶ ବା ଅର୍ଥନୀତି ଅପ୍ରତ୍ୟାଶିତ ତଥା ନକାରାତ୍ମକ ଅର୍ଥନୈତିକ ପ୍ରଦର୍ଶନ ଅନୁଭବ କରିବା ସହିତ ବ୍ୟବସ୍ଥାର ମୁଖ୍ୟ ସୂଚକାଙ୍କଗୁଡ଼ିକରେ ଉଚ୍ଚ ନୀଚ ବା ଅନିଶ୍ଚିତତା ବିଶେଷ ଭାବରେ ପରିଲକ୍ଷିତ ହୁଏ। ଅସ୍ଥିରତା ମୁଖ୍ୟତଃ ଦେଖାଯାଏ ନିଯୁକ୍ତିରେ, ଆୟ ଏବଂ ଦରବୃଦ୍ଧିରେ, ଯାହାଦ୍ୱାରା ଅନିଶ୍ଚିତତା ଆଉ ସମ୍ଭାବ୍ୟ କଷ୍ଟ ବୃଦ୍ଧି ଘଟେ। ଅନ୍ୟ ବାକ୍ୟରେ କହିବାକୁ ଗଲେ, ଅର୍ଥନୈତିକ ଅସ୍ଥିରତା ସେହି କଷ୍ଟକର ଅବସ୍ଥାକୁ ବୁଝାଯାଏ, ଯେଉଁଠି ଲୋକମାନଙ୍କର ଆୟ, ନିଯୁକ୍ତି, ବ୍ୟୟ, ଦରବୃଦ୍ଧି ତଥା ଅର୍ଥନୈତିକ ପାରଙ୍ଗମତା ଉପରେ ନକାରାତ୍ମକ ପ୍ରଭାବ ପରିଲକ୍ଷିତ ହୋଇଥାଏ। ଆମେ ଏହା ମଧ୍ୟ ମନେ ରଖିବା ଉଚିତ ଯେ, କେବଳ ଅର୍ଥନୈତିକ ମାନ୍ଦାବସ୍ଥାକୁ ହିଁ ଅସ୍ଥିରତାର ଆଖ୍ୟା ଦିଆଯାଇପାରିବ ନାହିଁ। ଅତ୍ୟଧିକ ଆର୍ଥିକ ବିସ୍ତାର ବା ଅସ୍ୱାସ୍ଥ୍ୟପ୍ରଦ ଅର୍ଥନୈତିକ ଉତ୍ତରଣ ମଧ୍ୟ ଅର୍ଥନୈତିକ ଅସ୍ଥିରତାର ଲକ୍ଷଣ। କାରଣ ଏମିତି ଅବସ୍ଥାରେ ଅତ୍ୟଧିକ ଦରବୃଦ୍ଧି ଘଟିବାର ସମ୍ଭାବନା ଥାଏ ଏବଂ ବିଭିନ୍ନ ସମ୍ପତ୍ତି ଯଥା ଘର, ଅଂଶଧନ ବା ଅନ୍ୟ ବିନିଯୋଗର ମୂଲ୍ୟ ବାସ୍ତବିକ ମୂଲ୍ୟଠାରୁ ବହୁତ ଅଧିକ ହୁଏ।






## ଅର୍ଥନୈତିକ ଅସ୍ଥିରତାର ପ୍ରମୁଖ ବିଶେଷତ୍ୱ

ଅର୍ଥନୈତିକ ଅସ୍ଥିରତାକୁ ବୁଝିବାକୁ ହେଲେ ଆମକୁ ଏହାର ପ୍ରମୁଖ ବିଶେଷତ୍ୱଗୁଡ଼ିକୁ ଜାଣିବାକୁ ହେବ। ଅର୍ଥନୈତିକ ମାନ୍ଦାବସ୍ଥା କିମ୍ବା ଅତ୍ୟଧିକ ଅର୍ଥନୈତିକ ବିସ୍ତାର ହେବା ଅସ୍ଥିରତାର ଏକ ମୁଖ୍ୟ ଉପାଦାନ। ଅର୍ଥନୈତିକ ଅଭିବୃଦ୍ଧି ଯଦି ଲୋକମାନଙ୍କର ଆୟ ବୃଦ୍ଧି ସହିତ ମଙ୍ଗଳକାରୀ ହୁଏ, ତାହେଲେ ତାହା ପରିବାର ତଥା ଦେଶର ଅର୍ଥନୈତିକ ବିକାଶ ପ୍ରକ୍ରିୟାରେ ସହାୟକ ହୁଏ। କିନ୍ତୁ ଅତ୍ୟଧିକ ଅର୍ଥନୈତିକ ବିସ୍ତାର ପ୍ରକ୍ରିୟା ଦ୍ୱାରା ଯଦି ଅହେତୁକ ଦରବୃଦ୍ଧି ଘଟେ, ତାହେଲେ ଏହା ଲୋକମାନଙ୍କର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦିଏ। କାରଣ ଟଙ୍କାର ମୂଲ୍ୟ କମିବା ସହିତ ପାରିବାରିକ କ୍ରୟ କ୍ଷମତାରେ ଅତ୍ୟନ୍ତ ହ୍ରାସ ପରିଲକ୍ଷିତ ହୁଏ। ଦରବୃଦ୍ଧି ଯୋଗୁଁ ଗରିବ, ନିଷ୍ପେଷିତ, ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକେ ନକାରାତ୍ମକ ଭାବରେ ପ୍ରଭାବିତ ହୁଅନ୍ତି ଏବଂ କ୍ରୟ କ୍ଷମତା ଗରିବଠାରୁ ଧନିକ ଗୋଷ୍ଠୀ ପାଖକୁ ଚାଲିଯାଏ। ଧନୀ ଲୋକେ ଆହୁରି ଧନୀ ହୁଅନ୍ତି ଏବଂ ଗରିବ ଲୋକେ ଆହୁରି ଅଧିକ ଗରିବୀରେ ଗ୍ରାସିତ ହୁଅନ୍ତି। ଯଦି ଦରବୃଦ୍ଧି ଜାଗାରେ ଦରହ୍ରାସ ଅତ୍ୟଧିକ ହୁଏ, ତାହା ମଧ୍ୟ ଅର୍ଥବ୍ୟବସ୍ଥା ପାଇଁ ଶୁଭଙ୍କର ନୁହଁ। ଅନବରତ ଭାବରେ ଦରହ୍ରାସ ହେବା ଦ୍ୱାରା ଆୟ, ନିଯୁକ୍ତି, ସଞ୍ଚୟ ତଥା ବିନିଯୋଗ ବହୁଳ ଭାବରେ ହ୍ରାସ ପାଏ, ଯଦ୍ଦ୍ୱାରା କି ଅର୍ଥନୈତିକ ମାନ୍ଦାବସ୍ଥା ବା ରିସେଶନ୍ ଆର୍ଥିକ ସ୍ଥିତିକୁ ସମ୍ପୂର୍ଣ୍ଣ ଭାବରେ ଦୁର୍ବଳ କରିଦିଏ। ଲୋକଙ୍କୁ ଖାଇବାକୁ ମଧ୍ୟ ମିଳେ ନାହିଁ ଏବଂ ବିନା ଯୁଦ୍ଧରେ ହଜାର ହଜାର ଲୋକଙ୍କର ମୃତ୍ୟୁ ଘଟିବାର ଉଦାହରଣ ପୃଥିବୀରେ ଦେଖାଯାଇଛି ଅତୀତରେ।

ଅର୍ଥନୈତିକ ଅସ୍ଥିରତାର ଅନ୍ୟ ମୁଖ୍ୟ ବିଶେଷତ୍ୱ ହେଲା ବେକାରି ସମସ୍ୟାରେ ଅହେତୁକ ବୃଦ୍ଧି ଘଟିବା ସହ ସାଧାରଣ ମଣିଷର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିଦିଏ। ଏହାଦ୍ୱାରା ଗରିବୀ, ଆହୁରି ବେକାର ଯୁବକ ଯୁବତୀ ସୃଷ୍ଟି ହେବା, ଚୋରି, ଡକାୟତି, ରାହାଜାନି ଆଦି ଅପରାଧିକ ଗତିବିଧି ବୃଦ୍ଧି ପାଏ। କେତେକ ଦେଶରେ ବେକାରି ସମସ୍ୟା କାରଣରୁ ସରକାର ପରିବର୍ତ୍ତନ ହେବାର ମଧ୍ୟ ନଜିର ରହିଛି।

ବ୍ୟାପାର ଚକ୍ର ବା ବିଜନେସ୍ ସାଇକେଲ ଯାହା ଅର୍ଥନୀତିକୁ ମାନ୍ଦାବସ୍ଥା କିମ୍ବା ଅତ୍ୟଧିକ ଅର୍ଥନୈତିକ ବିସ୍ତାର ପ୍ରକ୍ରିୟାରେ ଗତି କରାଇଥାଏ, ତାହା ମଧ୍ୟ ଅର୍ଥନୈତିକ ଅସ୍ଥିରତାର ଏକ ବିଶେଷତ୍ୱ। ଅନବରତ ବ୍ୟାପାର ଚକ୍ର କୌଣସି ଅର୍ଥ ବ୍ୟବସ୍ଥାକୁ ତଳିତଳାନ୍ତ କରିପକାଏ। ଅର୍ଥନୈତିକ ଅସ୍ଥିରତାର ଅନ୍ୟ ଏକ ଦିଗ ହେଲା ବିତ୍ତୀୟ ଅସ୍ଥିରତା, ଯଦ୍ଦ୍ୱାରା ବ୍ୟାଙ୍କିଂ, ଇନ୍‌ସୋରେନ୍ସ, ସେୟାର୍ ବଜାର, ସୁଧହାର ଆଦିରେ ବ୍ୟାପକ ଅସ୍ଥିରତା ପରିଲକ୍ଷିତ ହୁଏ। ସେୟାର୍ ବଜାରରେ ଅତ୍ୟଧିକ ଗୀରାବଟ୍, ବ୍ୟାଙ୍କିଂ ଏବଂ ଇନ୍‌ସୋରେନ୍ସ କ୍ଷେତ୍ରରେ ଅତ୍ୟଧିକ ଅସ୍ଥିରତା ତଥା ଦେଶର ବିତ୍ତୀୟ ଢାଞ୍ଚାରେ ନକାରାତ୍ମକ ପରିବର୍ତ୍ତନଗୁଡ଼ିକ ଅର୍ଥନୈତିକ ଅସ୍ଥିରତାର ବିଶେଷତ୍ୱ। ଲୋକମାନଙ୍କର ନିଯୁକ୍ତି, ଆୟ ଏବଂ ବିତ୍ତୀୟ କଲ୍ୟାଣ ଆଦି ଅର୍ଥନୈତିକ ଅସ୍ଥିରତା ସକାଶେ ବହୁ ମାତ୍ରାରେ ପ୍ରଭାବିତ ହୋଇଥାଏ।



## ଅର୍ଥନୈତିକ ଅସ୍ଥିରତାର ମୁଖ୍ୟ କାରଣ

ଅର୍ଥନୈତିକ ଅସ୍ଥିରତାର କାରଣ ମୁଖ୍ୟତଃ ଦୁଇ ପ୍ରକାରର ଥାଏ – (୧) ବାହ୍ୟ କାରଣ ଏବଂ (୨) ଅନ୍ତର୍ନିହିତ କାରଣ।

ବାହ୍ୟ କାରଣ ଯାହା ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରିଥାଏ ସେଥିରୁ ଗୋଟାଏ ମୁଖ୍ୟ ହେଲା ଦେଶ ଦେଶ ମଧ୍ୟରେ ଯୁଦ୍ଧ। ରୁଷ ଏବଂ ୟୁକ୍ରେନ ମଧ୍ୟରେ ଲମ୍ବ ସମୟ ଧରି ଚାଲୁଥିବା ଯୁଦ୍ଧ ହେଉ କିମ୍ବା ଇସ୍ରାଇଲ ଓ ପାଲେଷ୍ଟାଇନ ମଧ୍ୟରେ ଚାଲିଥିବା ବିଧ୍ୱଂସକାରୀ ଯୁଦ୍ଧ, ଏହାଦ୍ୱାରା ଯେ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ପ୍ରତ୍ୟକ୍ଷ ତଥା ପରୋକ୍ଷ ପ୍ରଭାବ ପଡ଼େ ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ। ବିଶ୍ୱ ଶକ୍ତି ସୁରକ୍ଷାଠୁ ଆରମ୍ଭ କରି ବୈଶ୍ୱିକ ଯୋଗାଣ ଶୃଙ୍ଖଳା ସହିତ ବାଣିଜ୍ୟ ଓ ବିନିଯୋଗ ପ୍ରକ୍ରିୟା ସମ୍ପୂର୍ଣ୍ଣ ରୂପେ କ୍ଷତିଗ୍ରସ୍ତ ହୁଏ ଯୁଦ୍ଧ ଯୋଗୁଁ। ଏହା ଅନେକ ଦିନ ବା ବର୍ଷ ପର୍ଯ୍ୟନ୍ତ ଲାଗୁ ରହିଲେ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରେ ଏବଂ ଏହା ଏବେ ବହୁତ ଗୁଡ଼ାଏ ଦେଶରେ ଦେଖା ଦେଲାଣି। ଭାରତ ମଧ୍ୟ ଏହାଦ୍ୱାରା ପ୍ରଭାବିତ, କିନ୍ତୁ ଆମର ଆନ୍ତରିକ ଅର୍ଥନୀତି ସୁଧୁରୁ ଥିବାରୁ ଆମ ଦେଶରେ ଅର୍ଥନୈତିକ ଅସ୍ଥିରବସ୍ଥା ନାହିଁ।

ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ମରୁଡ଼ି, କୋଭିଡ୍ -୧୯ ଆଦି କାରଣରୁ ମଧ୍ୟ ଅର୍ଥନୈତିକ ଅଚଳାବସ୍ଥା ସୃଷ୍ଟି ହୁଏ। ଅଚାନକ ଘଟୁଥିବା ଦୈବୀ ଦୁର୍ବିପାକ ଏବଂ ପ୍ରକୃତିକ ବିପର୍ଯ୍ୟୟ ହେବା ଦ୍ୱାରା କୃଷି, ଶିଳ୍ପ, ବଜାର ବ୍ୟବସ୍ଥା ତଥା ଯୋଗାଣ ଶୃଙ୍ଖଳାରେ ଅସ୍ୱାଭାବିକ ପରିବର୍ତ୍ତନ ଘଟେ ଏବଂ ସେଥିପାଇଁ ଅସ୍ଥିରତା ଦେଖିବାକୁ ମିଳେ। ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ପରିବାରଗୁଡ଼ିକର ଅର୍ଥନୈତିକ ମେରୁଦଣ୍ଡ ଭାଙ୍ଗିଯିବା ସହିତ କୋଟି କୋଟି ଲୋକଙ୍କର ଜୀବନ ଜୀବିକା ଉପରେ ପ୍ରତ୍ୟକ୍ଷ ପ୍ରଭାବ ପଡ଼େ। ଆମ ଜୀବନ କାଳ ଭିତରେ ଆମେ ସମସ୍ତେ ଦେଖିଛୁ କେମିତ କୋଭିଡ୍ ସମୟରେ ତାଲା ବନ୍ଦ ସମସ୍ୟା ଏବଂ ତା'ର ପ୍ରଭାବ ଲୋକଙ୍କ ଉପରେ ଓ ଦେଶର ଅର୍ଥନୀତି ଉପରେ। ଏହି ସବୁ କାରଣଗୁଡ଼ିକ ଆମର ନିୟନ୍ତ୍ରଣ ବାହାରେ ଥିବାରୁ ଆମକୁ ଏହି ପ୍ରକାରର ବାହ୍ୟ ଉପାଦାନଗୁଡ଼ିକୁ ଅର୍ଥନୈତିକ ଅସ୍ଥିରତା ହେବା ପରେ ଯାଇଁ ସମାଧାନର ରାସ୍ତା ବାହାରିପାରେ।

ବାହ୍ୟ କାରଣଗୁଡ଼ିକ ଯେଉଁ ପରିମାଣରେ ଅସ୍ଥିରତା ସୃଷ୍ଟି କରନ୍ତି, ତାଠାରୁ ଅଧିକ ଅସ୍ଥିରତା ଅନ୍ତର୍ନିହିତ କାରଣ ପାଇଁ ହୋଇଥାଏ। ଅନେକ ଗୁଡ଼ିଏ ଅନ୍ତର୍ନିହିତ କାରଣ ମଧ୍ୟରୁ ମୌଦ୍ରିକ ନୀତି ବା ମୋନିଟେରୀ ପଲିସି ଅନ୍ୟତମ। ମୌଦ୍ରିକ ନୀତି ସେହି ନୀତିକୁ କୁହାଯାଏ, ଯାହାଦ୍ୱାରା ଗୋଟିଏ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାର ଯୋଗାଣ ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟାକୁ ପ୍ରବନ୍ଧନ କରେ ଏବଂ ତା ସାଙ୍ଗକୁ ସଞ୍ଚୟ, ବିନିଯୋଗ ଏବଂ ସୁଧହାର ବିଷୟରେ ନୀତିଗତ ନିଷ୍ପତ୍ତି ନିଏ। ମୁଦ୍ରାର ଯୋଗାଣ ଅଧିକ ହେଲେ ଋଣ ଉପରେ ସୁଧହାର କମିଯାଏ ଏବଂ ଲୋକମାନେ ତଥା ଅନ୍ୟ ଅର୍ଥନୈତିକ କ୍ଷେତ୍ରଗୁଡ଼ିକ ପାଖରେ ଖର୍ଚ୍ଚ କରିପାରିବାର କ୍ଷମତା ବୃଦ୍ଧି ପାଏ। ସେହି ଅନୁପାତରେ ଉତ୍ପାଦନ ବୃଦ୍ଧି ପାଏ ନାହିଁ ଏବଂ ଅର୍ଥନୀତିରେ ଦରବୃଦ୍ଧି ଘଟେ, ଯାହା ଲୋକଙ୍କର ଜୀବନଧାରଣ କ୍ଷମତାକୁ ସଙ୍କୁଚିତ କରିଦିଏ। ଅପର ପକ୍ଷରେ ମୁଦ୍ରାର ଯୋଗାଣ କମିଗଲେ କିମ୍ବା ମୁଦ୍ରାର ଚାହିଦା ଅଧିକ ବଢ଼ିଗଲେ, ସୁଧହାର ବଢ଼ିଯିବା ସାଙ୍ଗକୁ ଅର୍ଥନୀତିକୁ ଅପସ୍ଫୀତି ଆଡ଼କୁ ଗତି କରାଏ। ଏହି ପ୍ରକ୍ରିୟା ବହୁତ ଦିନ ଧରି ନିୟନ୍ତ୍ରଣ ମୁକ୍ତ ରହିଲେ ଅର୍ଥନୀତିକୁ ମାନ୍ଦାବସ୍ଥା ଆଡ଼କୁ ନେଇଯାଏ। ଠାରେ ଠାରେ କେନ୍ଦ୍ରୀୟ ବ୍ୟାଙ୍କମାନେ ବିତ୍ତୀୟ ନିଅଣ୍ଟକୁ ଭରଣା କରିବାକୁ ଅଧିକ ନୋଟ୍ ବା ଟଙ୍କା ମୁଦ୍ରଣ କରନ୍ତି। ଏହା ଯଦି













ଅର୍ଥନୀତିର ଭୌତିକ କ୍ଷମତା ଭିତରେ ନରୁହେ, ତାହେଲେ ଏହା ଦ୍ୱାରା ମୁଦ୍ରାସ୍ଫୀତି ବହୁ ମାତ୍ରାରେ ବଢ଼ିଯାଏ ଏବଂ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି କରେ। ଅନ୍ୟ ଏକ ପ୍ରମୁଖ ଅନ୍ତର୍ନିହିତ କାରଣ ହେଲା ସରକାରଙ୍କ ବିତ୍ତୀୟ ନୀତି ବା ରାଜକୋଷୀୟ ନୀତି। ଏହି ନୀତି ଦ୍ୱାରା ସରକାର ଦେଶର ବିତ୍ତୀୟ ପ୍ରଣାଳୀକୁ ନିୟନ୍ତ୍ରଣ କରନ୍ତି ଯାହାଦ୍ୱାରା ଅର୍ଥନୈତିକ ସ୍ଥିରତା ବଜାୟ ରଖି ହେବ ଏବଂ ଲୋକମାନଙ୍କର ମଙ୍ଗଳ କରାଯାଇପାରିବ। ବିତ୍ତୀୟ ନୀତି ଅଧୀନରେ ସରକାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର ବା ଟ୍ୟାକ୍ସକୁ ନିୟନ୍ତ୍ରଣ କରିବା ସାଙ୍ଗକୁ ସରକାରୀ ଖର୍ଚ୍ଚ, ସଞ୍ଚୟ, ବିନିଯୋଗ ଏବଂ ଋଣ ବିଷୟରେ ନୀତିଗତ ନିଷ୍ପତ୍ତି ନିଅନ୍ତି। ଯଦି କୌଣସି ସମୟରେ ସରକାରୀ ଖର୍ଚ୍ଚ ଅଧିକ ହୁଏ, ତେବେ ଏହାଦ୍ୱାରା ମୁଦ୍ରା ଯୋଗାଣ ବଢ଼ିଯିବା ସହିତ ଲୋକମାନଙ୍କ କ୍ରୟ କ୍ଷମତା ବୃଦ୍ଧି ପାଏ। ଏହା ଚାହିଦା-କାରକ ମୁଦ୍ରାସ୍ଫୀତିକୁ ଜନ୍ମ ଦିଏ। ଅନ୍ୟ ପାର୍ଶ୍ୱରୁ ଦେଖିଲେ ଯଦି ସରକାର ବେଶୀ ଋଣ ଉଠାନ୍ତି ବଜାରରୁ ତାହେଲେ ଏହା ମଧ୍ୟ ମୁଦ୍ରାସ୍ଫୀତି ସୃଷ୍ଟି କରିବାରେ ସହାୟକ ହୁଏ। ଅତ୍ୟଧିକ ଟ୍ୟାକ୍ସ ବା କରର ଦର ବୃଦ୍ଧି ହେଲେ ମଧ୍ୟ ଅପସ୍ଫୀତି ହେବାର ସମ୍ଭାବନା ସୃଷ୍ଟି ହୁଏ। ତେଣୁ ବିତ୍ତୀୟ ବା ରାଜକୋଷୀୟ ନୀତି ଠିକ୍ ହିସାବରେ ନିୟନ୍ତ୍ରିତ ନହେଲେ ଅର୍ଥନୈତିକ ଅସ୍ଥିରତାର କାରଣ ହୁଏ।

ଅର୍ଥନୈତିକ ଅସ୍ଥିରତାର ଅନ୍ୟ ଏକ ଦିଗ ହେଲା, ଦୁର୍ବଳ ବିତ୍ତୀୟ କ୍ଷେତ୍ର ଅଥବା ଦୁର୍ବଳ ବିତ୍ତୀୟ ନୀତି କିମ୍ବା ଦୁର୍ବଳ ବିତ୍ତୀୟ ଅନୁଷ୍ଠାନ। ସୁଦୃଢ଼ ବିତ୍ତୀୟ ନୀତି ବା ଅନୁଷ୍ଠାନର ଅଭାବରେ ଅର୍ଥନୀତି ଦୁର୍ବଳ ହେବ ସାଙ୍ଗକୁ ଅତ୍ୟଧିକ ଚାପରେ ରୁହେ। ଏହା କ୍ଷେତ୍ର ପ୍ରସ୍ତୁତ କରେ ଅସ୍ଥିରାବସ୍ଥା ପାଇଁ। ଆୟ ଜନିତ ଅସାମାନତା ଅତ୍ୟଧିକ ହେଲେ ଧନୀ ଓ ଗରିବମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି ହେବା ସହିତ ଅର୍ଥନୀତିରେ ଚାହିଦା କମି ଯାଏ, ଯଦ୍ଦ୍ୱାରା ଅର୍ଥନୈତିକ ଅଭିବୃଦ୍ଧି କମିଯିବା ସହିତ ଅସ୍ଥିରତା ଉଦ୍ରେକକାରୀ ଶକ୍ତିମାନଙ୍କୁ ଉତ୍ସାହିତ କରେ।


ଟେକ୍ନୋଲୋଜିର ଅଗ୍ରଗତି ହେଲେ ଅର୍ଥନୀତିରେ ଅଭିବୃଦ୍ଧି ଘଟେ ବୋଲି ଭାବିବା ଠିକ୍ କଥା। କିନ୍ତୁ ଟେକ୍ନୋଲୋଜି ଯଦି ବହୁଳ ଭାବରେ ଉନ୍ନତି କରେ, ତେବେ ଏହାଦ୍ୱାରା ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା କମିଯାଏ। ଲୋକମାନଙ୍କୁ ଚାକିରି ମିଳେ ନାହିଁ ଏବଂ ଅର୍ଥନୈତିକ ଅସ୍ଥିରତା ସୃଷ୍ଟି ହୁଏ। ଜଗତୀକରଣ ଜନିତ ବାଣିଜ୍ୟ ଏବଂ ବିନିଯୋଗରେ ଅଧିକ ସଂରଚନା ଅର୍ଥନୈତିକ ପୃଷ୍ଠଭୂମିକୁ ପରିବର୍ତ୍ତନଶୀଳ ପରିସ୍ଥିତିକୁ ଟାଣି ନିଏ ଏବଂ ଏହାଦ୍ୱାରା ଦେଶ ଦେଶ ମଧ୍ୟରେ ବିନିମୟ ମାଧ୍ୟମରେ ଅସ୍ଥିରତା ସୃଷ୍ଟି ହୁଏ। କେତେ ଗୁଡ଼ିଏ ଦେଶରେ କଞ୍ଚାମାଳର ଦରବୃଦ୍ଧି ଯୋଗୁଁ ମଧ୍ୟ ମୁଦ୍ରାସ୍ଫୀତିଜନିତ ଅସ୍ଥିରାବସ୍ଥା ଦୃଶ୍ୟମାନ ହୁଏ। ଏକବିଂଶ ଶତାବ୍ଦୀରେ ଜଳବାୟୁ ପରିବର୍ତ୍ତନଜନିତ ସତତ ବିକାଶରେ ବାଧା ସୃଷ୍ଟି ହେବା ଦ୍ୱାରା ଅର୍ଥନୈତିକ ଅସ୍ଥିରତା ବଢ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନକୁ ଯଦି ରାଷ୍ଟ୍ରଗୁଡ଼ିକ ବିଶେଷ ଭାବରେ ଦୃଷ୍ଟି ନଦେବେ ତାହେଲେ ଅସ୍ଥିରତା କେତେବେଳେ ଯେ, ବିନାଶର ରୂପ ନେବା ତାହା କହି ହେବ ନହିଁ। ପ୍ରାକୃତିକ ବିପର୍ଯ୍ୟୟର ବାରମ୍ବାର ବୃଦ୍ଧିର କାରଣ ପର୍ଯ୍ୟାବରଣ ପ୍ରଦୂଷଣ ଜନିତ ଜଳବାୟୁ ପରିବର୍ତ୍ତନ ତଥା ଜଙ୍ଗଲ ଧ୍ୱଂସ ପାଇବା, ଗ୍ରୀନ୍ ହାଉସ୍ ଗ୍ୟାସ୍ ଅଧିକ ମାତ୍ରାରେ ବୃଦ୍ଧି ପାଇବା ତଥା ଜୈବ ବିବିଧତା ନଷ୍ଟ ହେବା ଆଦି। ଯଦି ଏହାକୁ ନିୟନ୍ତ୍ରଣ କରା ନଯାଏ, ତାହେଲେ ଅର୍ଥନୈତିକ ଅସ୍ଥିରତା ସହିତ ଜୀବ ଜଗତର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେବ।





## ଅର୍ଥନୈତିକ ଅସ୍ଥିରତା ଏବଂ ଭାରତୀୟ ଅର୍ଥନୀତି

ଅର୍ଥନୈତିକ ଅସ୍ଥିରତା ବହୁତ ଗୁଡ଼ିଏ ଅର୍ଥବ୍ୟବସ୍ଥାରେ ଘଟିଛି। ଭାରତ ମଧ୍ୟ ଏଥିରୁ ବର୍ତ୍ତି ନାହିଁ। ୧୯୮୦ ଦଶକର ମଧ୍ୟଭାଗରେ ଭାରତର ବୈଦେଶିକ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଇଥିଲା। ୧୯୯୦ ଦଶକ ବେଳକୁ କିଛି ବାହ୍ୟ ସମସ୍ୟା ଭାରତରେ ଅର୍ଥନୈତିକ ସଙ୍କଟ ସୃଷ୍ଟି କରିବାରେ ସହାୟକ ହୋଇଥିଲା। ପୂର୍ବତନ ରୁଷିୟା ରାଷ୍ଟ୍ରର ବିଘଟନ ଏବଂ ଇରାକ ଓ କୁଏତ ମଧ୍ୟରେ ଘଟିଥିବା ଭୟଙ୍କର ଗଲ୍ଫ ଯୁଦ୍ଧ ଆଦି କାରଣରୁ ଭାରତର ଅନ୍ତର୍ଜାତିକ ବାଣିଜ୍ୟ କ୍ଷେତ୍ରରେ ବିରାଟ ସଙ୍କଟର ଆରମ୍ଭ ହେଇଥିଲା। ୧୯୯୧ ମସିହା ବେଳକୁ ସମସ୍ୟା ଏମିତି ସୃଷ୍ଟି ହେଲା ଯେ, ଭାରତ ପାଖରେ ବୈଦେଶିକ ମୁଦ୍ରା ଭଣ୍ଡାର ଆଶାତୀତ ଭାବରେ ରିକ୍ତ ହେବାକୁ ଲାଗିଲା। ଜାନୁଆରୀ ୧୯୯୧ ମସିହାରେ ଆମର ବୈଦେଶିକ ମୁଦ୍ରା ଭଣ୍ଡାରରେ ୧.୨ ଅରବ ଡଲାର ଗଚ୍ଛିତ ଥିଲା, ଯାହା ଜୁଲାଇ ୧୯୯୧ ମସିହା ବେଳକୁ ତା'ର ଅର୍ଦ୍ଧେକ ଡଲାରରେ ପହଞ୍ଚି ଯାଇଥିଲା। ଏହା କେବଳ ତିନି ସପ୍ତାହର ଆମଦାନୀ ପାଇଁ ପର୍ଯ୍ୟାପ୍ତ ଥିଲା, ଯାହା କୌଣସି ଗୋଟେ ବୃହତ୍ ଦେଶ ପାଇଁ ବହୁତ କମ୍। ମୁଦ୍ରାସ୍ଫୀତି ହାର ଦୁଇ ସଂଖ୍ୟା ଉପରେ ଥିଲା, ଟଙ୍କାର ବିନିମୟ ମୂଲ୍ୟ ବହୁ ପରିମାଣରେ ନିମ୍ନଗାମୀ ହେଲା, ଚାଲୁ ଖାତା ନିଅଣ୍ଟ ବା କରେଣ୍ଟ ଏକାଉଣ୍ଟ ଡେଫିସିଟ୍ ସୁରକ୍ଷିତ ସୀମାର ବାହାରେ ଥିଲା। ଭୁଗତାନ ସନ୍ତୁଳନରେ ନିଅଣ୍ଟ ଅର୍ଥବ୍ୟବସ୍ଥାକୁ ଆହୁରି ତଳକୁ ଖସାଇ ଦେଇଥିଲା। ଏହି ଅର୍ଥନୈତିକ ସଙ୍କଟ ସମୟରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ବା ଆଇଏମ୍ଏଫ୍ ତା'ର ଭାରତକୁ ଦେଉଥିବା ଋଣକୁ ନିଲମ୍ବିତ କରିଥିଲା ଏବଂ ତା' ସାଙ୍ଗକୁ ବିଶ୍ୱ ବ୍ୟାଙ୍କ ମଧ୍ୟ ତା'ର ଋଣକୁ ବନ୍ଦ କରିବା ଅର୍ଥନୈତିକ ସଙ୍କଟକୁ ଦ୍ୱିଗୁଣିତ କରିଦେଲା। ଏହି ଅର୍ଥନୈତିକ ଅସ୍ଥିରତାକୁ ସାମ୍ନା କରିବାକୁ ସେ ସମୟର ସରକାର ଆଇଏମଏଫ୍‌ରୁ ୨.୨ ଅରବ ଡଲାରର ଆପାତ୍‌କାଳୀନ ଋଣ ପାଇବା ପାଇଁ ୬୭ ଟନ୍ ସୁନା ବନ୍ଧକ ରଖିବାକୁ ପଡ଼ିଥିଲା ବୋଲି ଅନେକ ରିପୋର୍ଟରେ ଲେଖା ଯାଇଛି। ତା'ପରେ ଭାରତର ଅର୍ଥନୀତିରେ ଅର୍ଥନୈତିକ ସୁଧାର ପ୍ରକ୍ରିୟା ଆରମ୍ଭ ହେଇଥିଲା, ଯାହା ପରବର୍ତ୍ତୀ ସମୟରେ ଭାରତକୁ ଅର୍ଥନୈତିକ ଅସ୍ଥିରତାରୁ ମୁକ୍ତି ଦେବା ସାଙ୍ଗକୁ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲା।



## ଅର୍ଥନୈତିକ ଅସ୍ଥିରତା ଦେଶ ସମୂହ

ଅର୍ଥନୈତିକ ଅସ୍ଥିରତାର କଥା କହିଲେ, ଅର୍ଥଶାସ୍ତ୍ରୀମାନଙ୍କୁ ତଥା ନୀତି ନିର୍ଦ୍ଧାରକମାନଙ୍କୁ ୧୯୨୯ ମସିହାର ମହା ମାନ୍ଦାବସ୍ଥା ବା ଗ୍ରେଟ୍ ଡିପ୍ରେସନ୍ ମନେପଡ଼େ। ବିଂଶ ଶତାବ୍ଦୀରେ ବିନା କୌଣସି ଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କର ଜୀବନହାନି ହେଇଥିବା ଘଟଣା ଯଦି କିଛି ଥାଏ, ତାହା ହେଲା ଗ୍ରେଟ୍ ଡିପ୍ରେସନ। ୨୦୦୮ ମସିହାରେ ହେଇଥିବା ବିଶ୍ୱ ବିତ୍ତୀୟ ସଙ୍କଟ କଥା ପ୍ରାୟ ସମସ୍ତଙ୍କୁ ଊଣା ଅଧିକେ ଜଣା। ନିକଟ ଅତୀତରେ ଯେଉଁ ଦେଶଗୁଡ଼ିକ ଅର୍ଥନୈତିକ ଅସ୍ଥିରତା ଦେଇ ଗତି କରିଛନ୍ତି ବା କରୁଛନ୍ତି ସେଗୁଡ଼ିକ ହେଲେ ଲେବାନନ୍ ଆର୍ଥିକ ସଙ୍କଟ ଓ ଶ୍ରୀଲଙ୍କା ଆର୍ଥିକ ସଙ୍କଟ -୨୦୧୯, ୨୦୨୦ ମସିହାରେ ଚୀନ୍‌ରେ ହେଇଥିବା ଅଚଳ ସମ୍ପତ୍ତି ସଙ୍କଟ, ପାକିସ୍ତାନ ଓ ଜର୍ମାନୀରେ ହେଇଥିବା ଅର୍ଥନୈତିକ ଅସ୍ଥିରତା-୨୦୨୨, ଅଫଗାନିସ୍ତାନ, ସିରିୟା, ଆର୍ଜେଣ୍ଟିନା, ମିଆଁମାର ଏବଂ ହାଇତିରେ ହେଇଥିବା ସଙ୍କଟ ମଧ୍ୟ ପ୍ରତିପାଦନ ଯୋଗ୍ୟ। କୋରୋନା ମହାମାରୀ ବିଶ୍ୱ ସ୍ତରରେ ଅର୍ଥନୈତିକ ଅସ୍ଥିରତାର କାରଣ ହେଇଥିବା କଥା ଆମେ ସମସ୍ତେ ଜାଣିଛୁ।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ଅର୍ଥନୈତିକ ଅସ୍ଥିରତା ବା ମାନ୍ଦାବସ୍ଥା କୌଣସି ବି ଅର୍ଥନୀତିକୁ ଗ୍ରାସ କରିପାରେ। କାରଣ ଏହା କେବଳ ଆନ୍ତରିକ କାରଣ ଦ୍ୱାରା ବିଘଟିତ ହୁଏ ନାହିଁ ବରଂ ଜଗତିକରଣର ଯୁଗରେ ବାହ୍ୟ କାରଣଗୁଡ଼ିକ ବହୁଳ ଭାବରେ ପ୍ରଭାବିତ କରିଥାନ୍ତି। ସେଥିପାଇଁ ପ୍ରତ୍ୟେକ ଅର୍ଥନୀତିକୁ ନିଜର ଶକ୍ତି ଏବଂ ଦୁର୍ବଳତାକୁ ଠିକ୍ ହିସାବରେ ଅନୁଶୀଳନ କରି ନୀତି ନିର୍ଦ୍ଧାରଣ କରିବା ଉଚିତ। ଆଭ୍ୟନ୍ତରୀଣ ଶକ୍ତି ବୃଦ୍ଧି ସହିତ ନିଜ ଦେଶର ମୌଦ୍ରିକ ନୀତି ଏବଂ ବିତ୍ତୀୟ ନୀତି ଆଦିକୁ ସଠିକ୍ ରୂପରେ ରୂପାୟନ କରିବା ସହିତ ଅନ୍ତର୍ଜାତୀୟ ସମ୍ପର୍କକୁ କେମିତି ପରସ୍ପରର ବିକାଶ ଏବଂ ଲୋକମାନଙ୍କର କଲ୍ୟାଣ ପାଇଁ ଉପଯୋଗ କରାଯାଇପାରିବ, ତା' ଉପରେ ଗୁରୁତ୍ୱାରୋପ କରିବା ଉଚିତ। ■

ବିଭାଗୀୟ ମୁଖ୍ୟ, ଅର୍ଥନୀତି ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର




# ଭାରତୀୟ ଅର୍ଥନୀତି

# ଅସ୍ଥିର ପରିସ୍ଥିତି ଓ ସମାଧାନ



ଡକ୍ଟର ଦିନେଶ କୁମାର ନାୟକ

ବିଗତ କିଛି ମାସରୁ ଫେବୃଆରୀ ୨୦୨୫ ସୁଦ୍ଧା (ଆର୍ଥିକ ବର୍ଷ ୨୦୨୪-୨୫ର ଦ୍ୱିତୀୟ ତ୍ରୟମାସିକ ଶେଷ ହେବା ପରେ), ଭାରତୀୟ ଅର୍ଥନୀତି ଗୁରୁତ୍ୱପୂର୍ଣ୍ଣ ଅସ୍ଥିରତା ସହିତ ସଂଘର୍ଷ କରି ଆସୁଛି, ଯାହାର ବୈଶିଷ୍ଟ୍ୟ ହେଉଛି ଇକ୍ୱିଟି ବଜାରରେ ତୀବ୍ର ହ୍ରାସ, ନିରନ୍ତର ବିଦେଶୀ ପୋର୍ଟଫୋଲିଓ ନିବେଶ (ଏଫ୍‌ପିଆଇ) ବହିଃପ୍ରବାହ, ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଏବଂ ବ୍ୟାପକ କ୍ଷେତ୍ରଗତ ଦୁର୍ବଳତା । ଏହି ମାନ୍ଦାବସ୍ଥା, ୨୦୨୦ ମସିହା ମାର୍ଚ୍ଚ ମାସର ମହାମାରୀ ପରଠାରୁ ସବୁଠାରୁ ଗୁରୁତର ମଧ୍ୟରୁ ଗୋଟିଏ, ଘରୋଇ ଦୁର୍ବଳତା ଏବଂ ବିଶ୍ୱ ଅର୍ଥନୈତିକ ଚାପର ସଙ୍ଗମକୁ ପ୍ରତିଫଳିତ କରେ, ବିଶେଷକରି ବାଣିଜ୍ୟ ଉତ୍ତେଜନା ଏବଂ ନୀତି ଅନିଶ୍ଚିତତାରୁ ସୃଷ୍ଟି ହୋଇଛି ।

## ଅସ୍ଥିରତାର ପ୍ରମୁଖ ସୂଚକ




### ଇକ୍ୱିଟିରେ ତୀବ୍ର ହ୍ରାସ

- ଜାତୀୟ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟି ୫୦ - ୫.୯ % ହ୍ରାସ ପାଇ ୨୨, ୧୨୫ ପଏଣ୍ଟ ତଳେ ବନ୍ଦ ହୋଇଥିଲା, ଏହା କ୍ରମାଗତ ପଞ୍ଚମ ମାସର ହ୍ରାସ ଏବଂ ଏହି ସମୟ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ହ୍ରାସ (ଅକ୍ଟୋବର ୨୦୨୪ ର ୬.୨% ହ୍ରାସ ପରେ) ।
- ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସ ୫.୬% ହ୍ରାସ ପାଇଛି, ଏହା ଲଗାତାର ତୃତୀୟ ମାସର ନକାରାତ୍ମକ ରିଟର୍ଣ୍ଣ ।
- ବ୍ୟାପକ ବଜାର ସୂଚକାଙ୍କ, ସି.ଏମ୍.ଆଇ.ଇ. (ଭାରତୀୟ ଅର୍ଥନୀତି ମନିଟରିଂ କେନ୍ଦ୍ର) ଟୋଟାଲ ରିଟର୍ଣ୍ଣ ଇଣ୍ଡେକ୍ସ (ସି ଟି ଆର ଆଇ), ୯.୬% ହ୍ରାସ ପାଇଛି, ଯାହା ପାଞ୍ଚ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ହ୍ରାସ ।
- ଛୋଟ ସୂଚକାଙ୍କଗୁଡ଼ିକ ଆହୁରି ଅଧିକ ଚାପର ସମ୍ମୁଖୀନ ହୋଇଥିଲେ, ନିଫ୍ଟି ପରବର୍ତ୍ତୀ ୫୦ ୯.୬% ହ୍ରାସ ପାଇଥିଲା, ଯେତେବେଳେ ନିଫ୍ଟି ସ୍ମଲକ୍ୟାପ୍ ୧୦୦ ଏବଂ ନିଫ୍ଟି ମିଡିୟମ୍‌କ୍ୟାପ୍ ୧୦୦ ଯଥାକ୍ରମେ ୧୩% ଏବଂ ୧୦.୮% ହ୍ରାସ ପାଇଥିଲା, ଯାହା ମାର୍ଚ୍ଚ ୨୦୨୦ ପରଠାରୁ ସେମାନଙ୍କର ସବୁଠାରୁ ଖରାପ ପ୍ରଦର୍ଶନ ଥିଲା ।
- ଭାରତୀୟ ଷ୍ଟକ୍ ବଜାରର ମୂଲ୍ୟାଙ୍କନ ମାପଦଣ୍ଡ ଏହି ମାନ୍ଦାବସ୍ଥାକୁ ପ୍ରତିଫଳିତ କରେ, ନିଫ୍ଟି ୫୦ ଏବଂ ବିଏସ୍‌ଇ ସେନ୍‌ସେକ୍ସର ପି/ଇ ଅନୁପାତ ଯଥାକ୍ରମେ ୧୯.୭ ଏବଂ ୨୦.୪ ଗୁଣକୁ ହ୍ରାସ ପାଇଛି, ଯାହା ମାର୍ଚ୍ଚ ୨୦୨୦ ମସିହା ପରଠାରୁ ସର୍ବନିମ୍ନ । ସରଳ ଭାଷାରେ କହିବାକୁ ଗଲେ, ଏହା ଦର୍ଶାଏ ଯେ ନିବେଶକମାନେ ସେହି ସୂଚକାଙ୍କରେ ଅନ୍ତର୍ଭୁକ୍ତ କମ୍ପାନୀଗୁଡ଼ିକ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରତ୍ୟେକ ଟଙ୍କା ରୋଜଗାର ପାଇଁ କେତେ ଦେବାକୁ ଇଚ୍ଛୁକ ।

## ଏଫ୍‌ପିଆଇ ବହିଃବାହ ଏବଂ ମୁଦ୍ରା ମୂଲ୍ୟ ହ୍ରାସ

ଏଫ୍‌ପିଆଇ ବହିଃବାହ ଅକ୍ଟୋବର ୨୦୨୪ରୁ ଫେବୃଆରୀ ୨୦୨୫ ମସିହା ପର୍ଯ୍ୟନ୍ତ ମୋଟ ୨୨.୮ ବିଲିୟନ ଆମେରିକୀୟ ଡଲାର ବହିର୍ଗତ ହୋଇଥିଲା, କେବଳ ଫେବୃଆରୀରେ ୩.୪ ବିଲିୟନ ଆମେରିକୀୟ ଡଲାର ଇକ୍ୱିଟି ବଜାରରୁ ବାହାରିଥିଲା । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ଶୁଳ୍କ ପରେ ବିଶ୍ୱ ବାଣିଜ୍ୟ ଉତ୍ତେଜନା ଯୋଗୁଁ ଏହି ବହିର୍ଗତ ଗତ ପାଞ୍ଚ ମାସ ମଧ୍ୟରୁ ଚାରି ମାସ ଧରି ଜାରି ରହିଛି ।

- ମୁଦ୍ରା ମୂଲ୍ୟହ୍ରାସ, ଫେବୃଆରୀ ୨୦୨୫ରେ ଆମେରିକୀୟ ଡଲାର ତୁଳନାରେ ୦. ୯ % ହ୍ରାସ ପାଇଲା (୮୭.୦୫ ଟଙ୍କା ପ୍ରତି ଗୋଟିଏ ଆମେରିକୀୟ ଡଲାର ତୁଳନାରେ) । ଏହା ଏକ ବର୍ଷ ଧରି ଚାଲି ଆସୁଥିବା ଧାରା ମଧ୍ୟରୁ ଏକ ଅଂଶ ଥିଲା, ଯାହା କେବଳ ମେ' ଏବଂ ସେପ୍ଟେମ୍ବର ୨୦୨୪ ରେ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଏହା ଜାପାନୀ ମୁଦ୍ରା ୟେନ୍ ତୁଳନାରେ ୩.୯ %, ଯୁକ୍ତରାଜ୍ୟ ଏବଂ ଏହାର ନଅଟି ସମ୍ପୃକ୍ତ ଅଞ୍ଚଳର ମୁଦ୍ରା ପାଉଣ୍ଡ ଷ୍ଟର୍ଲିଂ ତୁଳନାରେ ୨.୨ % ଏବଂ ୟୁରୋପୀୟ ସଂଘର ୨୭ଟି ସଦସ୍ୟ ରାଷ୍ଟ୍ର ମଧ୍ୟରୁ ୨୦ଟିର ସରକାରୀ ମୁଦ୍ରା ୟୁରୋ ତୁଳନାରେ ୧.୪ % ହ୍ରାସ ପାଇଲା ।

## କ୍ଷେତ୍ରଗତ ଦୁର୍ବଳତା

ଅଣ-ଆର୍ଥିକ ସେବାଗୁଡ଼ିକ ଗୁରୁତର ଭାବରେ ପ୍ରଭାବିତ ହୋଇଥିଲେ, ଖଣି (-୧୩. ୯%), ରିଅଲ୍ ଇଷ୍ଟେଟ୍ (-୧୪.୫%), ଏବଂ ଆଇଟି (-୧୩%) ପ୍ରମୁଖ କ୍ଷତି ରେକର୍ଡ କରିଥିଲେ ।

ଉତ୍ପାଦନ କ୍ଷେତ୍ର ୧୦.୧% ହ୍ରାସ ପାଇଛି, ଯେଉଁଥିରେ ଗ୍ରାହକ ସାମଗ୍ରୀ (-୧୦.୧%) ଏବଂ ଅଟୋମୋବାଇଲ୍ (-୮.୬%) ସବୁଠାରୁ ଖରାପ ପ୍ରଦର୍ଶନକାରୀଙ୍କ ମଧ୍ୟରେ ଅଛନ୍ତି ।

ଆର୍ଥିକ ସେବା, ବିଶେଷକରି ବ୍ୟାଙ୍କିଙ୍ଗରେ ୪.୩% ର ସାମାନ୍ୟ ହ୍ରାସ ଘଟିଛି, କିନ୍ତୁ ବ୍ୟାପକ ବଜାର ଦୁର୍ବଳତା ସାମଗ୍ରିକ ଭାବନାକୁ ପ୍ରଭାବିତ କରିଛି ।

ନିଫ୍ଟି ୫୦ ମଧ୍ୟରେ, କେବଳ ନଅଟି କମ୍ପାନୀ ସକାରାତ୍ମକ ଲାଭ କରି ପାଇଛନ୍ତି (ଯଥା, ଶ୍ରୀରାମ ଫାଇନାନ୍ସ + ୧୩.୫ %), ଯେତେବେଳେ ପାୱାର ଗ୍ରୀଡ୍ କର୍ପୋରେସନ (-୧୫. ୯ %) ପରି ଅନ୍ୟମାନେ ଯଥେଷ୍ଟ କ୍ଷତିର ସମ୍ମୁଖୀନ ହୋଇଛନ୍ତି ।



## ବୃଦ୍ଧିକୁ ସ୍ଥିର ଏବଂ ପୁନଃସ୍ଥାପିତ ପାଇଁ ପଦକ୍ଷେପ

ଏହି ଅସ୍ଥିର ପରିସ୍ଥିତିର ସମାଧାନ କରିବା ଏବଂ ଭାରତକୁ ଏକ ସ୍ଥିର ଅଭିବୃଦ୍ଧି ପଥକୁ ଫେରାଇ ଆଣିବା ପାଇଁ, ନିବେଶକଙ୍କ ବିଶ୍ୱାସ ଫେରାଇ ଆଣିବା, ମୁଦ୍ରାକୁ ସ୍ଥିର କରିବା, ପ୍ରଭାବିତ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବା ଏବଂ ବିଶ୍ୱ ବିପଦକୁ ହ୍ରାସ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରି ଏକ ବହୁମୁଖୀ ଆଭିମୁଖ୍ୟ ଆବଶ୍ୟକ।

## ବିପଦ-ପ୍ରତିରୋଧୀ ନିବେଶ ପରିବେଶ

ସୁନା ମୂଲ୍ୟ ୬.୮ % ବୃଦ୍ଧି ପାଇ ପ୍ରତି ଟ୍ରୟ ଆଉନ୍ସ (ଟ୍ରୟ ଆଉନ୍ସ ହେଉଛି ଏକ ବିଶେଷ ମାପ ୟୁନିଟ୍, ଯାହା ମୁଖ୍ୟତଃ ସୁନା ଭଳି ମୂଲ୍ୟବାନ ଧାତୁ ବାଣିଜ୍ୟରେ ବ୍ୟବହୃତ ହୁଏ) ୨, ୮୯୪.୭ ଆମେରିକୀୟ ଡଲାରରେ ପହଞ୍ଚିଛି। ଯାହା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ସୁରକ୍ଷିତ ସ୍ଥାନ ଯେପରି ସମ୍ପତ୍ତି ପାଇଁ ନିବେଶକଙ୍କ ପସନ୍ଦକୁ ପ୍ରତିଫଳିତ କରୁଛି।

ସରକାରୀ ସିକ୍ୟୁରିଟିଜ୍ (ଜି-ସେକ୍) ଉପଜ ହ୍ରାସ ପାଇଛି (ଉଦାହରଣ ସ୍ୱରୂପ, ୧୦-ବର୍ଷିଆ ଜି-ସେକ ଉପଜ ୬.୭୫ % ରୁ ୬.୬୯ % କୁ ହ୍ରାସ ପାଇଛି), ଯାହା ସୁରକ୍ଷା ଆଡ଼କୁ ପଳାୟନ ଏବଂ କମ୍ ସୁଧହାରର ଆଶାକୁ ସଙ୍କେତ ଦେଇଛି।

- କର୍ପୋରେଟ୍ ବଣ୍ଡ ଉପଜ ମିଶ୍ରିତ ଧାରା ଦେଖାଇଛି। କର୍ପୋରେଟଗୁଡ଼ିକ ଦ୍ୱାରା ଜାରି କରାଯାଇଥିବା ବଣ୍ଡ ଯାହା ସେମାନଙ୍କର ଉଚ୍ଚ କ୍ରେଡିଟ୍ ରେଟିଂ (ଏ.ଏ.ଏ.) ଯୋଗୁଁ ଅତ୍ୟନ୍ତ ସୁରକ୍ଷିତ ନିବେଶ ଭାବରେ ବିବେଚିତ ହୁଏ, ତାହାର ସ୍ୱଳ୍ପକାଳୀନ ଉପଜ ହ୍ରାସ ପାଇଛି (ଯଥା, ୧-ବର୍ଷିଆ ଏଏଏ ୭.୭୬%) କିନ୍ତୁ ଦୀର୍ଘକାଳୀନ ଉପଜ ବୃଦ୍ଧି ପାଇଛି (ଯଥା, ୧୦-ବର୍ଷିଆ ଏଏଏ ୭.୬୪ %), ଯାହା ୧୦-ବର୍ଷିଆ ବଣ୍ଡ ପାଇଁ ବିପଦ ପ୍ରିମିୟମକୁ ୯୫ ବେସିସ୍ ପଏଣ୍ଟକୁ ବୃଦ୍ଧି କରିଛି।

## ବିଶ୍ୱ ଏବଂ ସାମଗ୍ରୀ କାରକ

- ଜାନୁଆରୀରେ ୯.୩% ବୃଦ୍ଧି ପରେ ଭାରତର ଆମଦାନୀ ବିଲ୍‌ରେ କିଛି ଆଶ୍ୱସ୍ତି ଆଣି, ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ୍ ପିଛା ୩.୫% ହ୍ରାସ ପାଇ ୭୭.୪ ଆମେରିକୀୟ ଡଲାରରେ ପହଞ୍ଚିଛି।
- ତଥାପି, କାନାଡା, ମେକ୍ସିକୋ, ଚୀନ୍ ଉପରେ ଟ୍ରମ୍ପଙ୍କ ଶୁଳ୍କ ଏବଂ ଏପ୍ରିଲ୍ ୨୦୨୫ ପାଇଁ ଯୋଜନା କରାଯାଇଥିବା ପାରସ୍ପରିକ ଶୁଳ୍କ ଦ୍ୱାରା ବୃଦ୍ଧି ପାଇଥିବା ବିଶ୍ୱ ବାଣିଜ୍ୟ ଉତ୍ତେଜନା ଅର୍ଥନୈତିକ ଅନିଶ୍ଚିତତାକୁ ବୃଦ୍ଧି କରିଛି, ଯାହା ଭାରତର ବଜାର ଉପରେ ଆହୁରି ଚାପ ପକାଇଛି।



## ଅର୍ଥନୀତି ଅସ୍ଥିରତାର ମୂଳ କାରଣ

ଅର୍ଥନୀତି ଅସ୍ଥିରତା ବାହ୍ୟ ଏବଂ ଆଭ୍ୟନ୍ତରୀଣ ଉଭୟ କାରଣରୁ ସୃଷ୍ଟି ହୋଇଛି।

- **ବିଶ୍ୱ ବାଣିଜ୍ୟ ଉତ୍ତେଜନା**: ଟ୍ରମ୍ପଙ୍କ ଶୁଳ୍କ ନୀତି ଏକ ବାଣିଜ୍ୟ ଯୁଦ୍ଧର ଭୟ ସୃଷ୍ଟି କରିଛି, ଯାହା ଫଳରେ ଏଫ୍‌ପିଆଇ ଗୁଡ଼ିକ ସୁରକ୍ଷିତ ସମ୍ପତ୍ତି ପାଇଁ ଭାରତ ଭଳି ଉଦୀୟମାନ ବଜାରରୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି।
- **ନିବେଶକଙ୍କ ବିଶ୍ୱାସ** : ନିରନ୍ତର ଏଫ୍‌ପିଆଇ ପ୍ରବାହ ଏବଂ ହ୍ରାସ ପାଉଥିବା ଭାରତୀୟ ମୁଦ୍ରାର ମୂଲ୍ୟ ଭାରତର ଅର୍ଥନୈତିକ ସ୍ଥିରତା ଉପରେ ବିଶ୍ୱାସ ହରାଇବା ପ୍ରତିଫଳିତ କରେ।
- **କ୍ଷେତ୍ରଗତ ଦୁର୍ବଳତା**: ସ୍ମଲ୍‌କ୍ୟାପ୍ ଏବଂ ମିଡକ୍ୟାପ୍ ଫାର୍ମଗୁଡ଼ିକ, ରିଅଲ୍ ଇଷ୍ଟେଟ୍ ଏବଂ ଆଇଟି ଭଳି ପ୍ରମୁଖ ଶିଳ୍ପଗୁଡ଼ିକ ସହିତ ବିଶେଷ ଭାବରେ ତରଳତା ଚାପ ଏବଂ ଚାହିଦା ହ୍ରାସର ସମ୍ମୁଖୀନ ହୋଇଛନ୍ତି।

ଏହି ଚ୍ୟାଲେଞ୍ଜ ସତ୍ତ୍ୱେ, ଘରୋଇ ସଂସ୍ଥାଗତ ନିବେଶକ (ଡିଆଇଆଇ) ମାନେ ଫେବୃଆରୀ ୨୦୨୫ ରେ ଇକ୍ୱିଟିରେ ୭.୪୫ ବିଲିୟନ ଆମେରିକୀୟ ଡଲାର ନିବେଶ କରି ଏକ ବଫର ଯୋଗାଇଛନ୍ତି, ଯାହା କିଛି ପରିମାଣରେ ଏଫ୍‌ପିଆଇ ପ୍ରବାହକୁ ପୂରଣ କରିଛି।

## ନିବେଶକଙ୍କ ବିଶ୍ୱାସ ଫେରାଇ ଆଣିବା

**ନୀତିଗତ ସଂସ୍କାର** : ଏଫ୍‌ପିଆଇ ଏବଂ ଘରୋଇ ନିବେଶକମାନଙ୍କୁ ଆକର୍ଷିତ କରିବା ପାଇଁ ଟିକସ୍ ପ୍ରୋତ୍ସାହନ ଏବଂ ନିୟମାବଳୀକୁ ସୁଗମ କରିବା। ବିଦେଶୀ ନିବେଶ ପ୍ରକ୍ରିୟାକୁ ସରଳ କରିବା ଦ୍ୱାରା ପ୍ରବାହକୁ ଓଲଟା କରାଯାଇପାରିବ।

**ସ୍ୱଚ୍ଛ ଯୋଗାଯୋଗ** : ସରକାର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବଜାରକୁ ଆଶ୍ୱସ୍ତ କରିବା ଏବଂ ଅନିଶ୍ଚିତତା ହ୍ରାସ କରିବା ପାଇଁ ସେମାନଙ୍କର ଅର୍ଥନୈତିକ ସ୍ଥିରୀକରଣ ଯୋଜନାକୁ ସ୍ୱଷ୍ଟ ଭାବରେ ସ୍ୱଷ୍ଟ କରିବା ଉଚିତ।




## ଭାରତୀୟ ଟଙ୍କାକୁ ସ୍ଥିର କରିବା

**ଆର୍‌ବିଆଇ ହସ୍ତକ୍ଷେପ** : ଟଙ୍କା ଅସ୍ଥିରତାକୁ ପରିଚାଳନା କରିବା ପାଇଁ ବିଦେଶୀ ମୁଦ୍ରାର ସଂରକ୍ଷଣ ବ୍ୟବହାର କରି, ଏହାର ମୂଲ୍ୟକୁ ସ୍ଥିର କରିବା ପାଇଁ ତୀବ୍ର ଅବମୂଲ୍ୟାୟନ ସମୟରେ ବିଦେଶୀ ମୁଦ୍ରା ବିକ୍ରୟ କରିବା ଉଚିତ।

**ରପ୍ତାନି ବୃଦ୍ଧି**: ରପ୍ତାନି ପ୍ରତିଯୋଗିତାମୂଳକ ବୃଦ୍ଧି କରିବା ପାଇଁ ସବ୍‌ସିଡି କିମ୍ବା ବାଣିଜ୍ୟ ପ୍ରୋତ୍ସାହନ ପ୍ରଦାନ କରି, ସେହିପରି ଚଳନ୍ତି ଖାତାକୁ ସୁଦୃଢ଼ କରିବା ପାଇଁ ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ରରେ ଆମଦାନୀ ଉପରେ ନିର୍ଭରତା ହ୍ରାସ କରିବା ଉଚିତ।

## ପ୍ରଭାବିତ କ୍ଷେତ୍ରଗୁଡ଼ିକୁ ସହାୟତା ପ୍ରଦାନ

**ଆର୍ଥିକ ସହାୟତା** : ତରଳତା ସୀମାକୁ କମ୍ କରିବା ପାଇଁ ଟିକସ ଛାଡ଼, ସବ୍‌ସିଡି କିମ୍ବା କମ୍ ସୁଧ ଋଣ ମାଧ୍ୟମରେ କ୍ଷୁଦ୍ର ଏବଂ ମିଡ୍‌କ୍ୟାପ୍ ଫାର୍ମଗୁଡ଼ିକୁ ଲକ୍ଷ୍ୟଭିତ୍ତିକ ସହାୟତା ପ୍ରଦାନ କରିବା ଉଚିତ।

## କ୍ଷେତ୍ର-ନିର୍ଦ୍ଦିଷ୍ଟ ପଦକ୍ଷେପ

**ଅଟୋମୋବାଇଲ୍**: ଚାହିଦାକୁ ପୁନର୍ଜୀବିତ କରିବା ପାଇଁ ବୈଦ୍ୟୁତିକ ଯାନବାହନ ପାଇଁ ପ୍ରୋତ୍ସାହନ କିମ୍ବା ସ୍କ୍ରାପେଜ୍ କାର୍ଯ୍ୟକ୍ରମ ପ୍ରଚଳନ କରିବା କଥା।

**ସ୍ଥାବର ସମ୍ପତ୍ତି**: ନିୟାମକ ମାନଦଣ୍ଡକୁ ସହଜ କରିବା ଏବଂ ସୁଲଭ ଗୃହ ପ୍ରକଳ୍ପକୁ ପ୍ରୋତ୍ସାହିତ କରିବା।

**ଆଇଟି** : ବିଶ୍ୱ ମାନ୍ଦାବସ୍ଥାକୁ ପୂରଣ କରିବା ପାଇଁ ଟିକସ୍ ଲାଭ ମାଧ୍ୟମରେ ଡିଜିଟାଲ୍ ରପ୍ତାନିକୁ ପ୍ରୋତ୍ସାହିତ କରିବା।

## ବିଶ୍ୱ ବାଣିଜ୍ୟ ବିପଦକୁ ହ୍ରାସ କରିବା

**କୂଟନୈତିକ ପ୍ରୟାସ**: ଶୁଳ୍କର ପ୍ରଭାବକୁ କମ୍ କରିବା ପାଇଁ ବାଣିଜ୍ୟିକ ଅଂଶୀଦାରମାନଙ୍କ ସହିତ ଆଲୋଚନା କରି, ଛାଡ଼ କିମ୍ବା ବିକଳ୍ପ ବାଣିଜ୍ୟ ଚୁକ୍ତିନାମା ଖୋଜିବା।

**ବଜାରକୁ ବିବିଧ କରିବା** : ଆମେରିକା-କେନ୍ଦ୍ରିକ ବାଣିଜ୍ୟ ବାଧା ପ୍ରତି ଦୁର୍ବଳତା ହ୍ରାସ କରିବା ପାଇଁ ପାରମ୍ପରିକ ଅଂଶୀଦାରମାନଙ୍କ ବାହାରେ ରପ୍ତାନି ଗନ୍ତବ୍ୟସ୍ଥଳଗୁଡ଼ିକୁ ବିସ୍ତାର କରିବା ଉଚିତ।

## ଘରୋଇ ନିବେଶ ବୃଦ୍ଧି କରିବା

**ଡିଆଇଆଇଗୁଡ଼ିକୁ ଉତ୍ସାହିତ କରିବା**: ସ୍ଥିର ଶକ୍ତି ଭାବରେ ସେମାନଙ୍କର ବର୍ତ୍ତମାନର ଭୂମିକାକୁ ଆଧାର କରି ଇକ୍ୱିଟିରେ ଡିଆଇଆଇ ନିବେଶକୁ ବଜାୟ ରଖିବା ପାଇଁ ପ୍ରୋତ୍ସାହନ ପ୍ରଦାନ କରିବା କଥା।

**ଖୁଚୁରା ଅଂଶଗ୍ରହଣ**: ଘରୋଇ ପୁଞ୍ଜି ପୁଲକୁ ଗଭୀର କରିବା ପାଇଁ ଦୀର୍ଘକାଳୀନ ଇକ୍ୱିଟି ନିବେଶ ପାଇଁ ଆର୍ଥିକ ସାକ୍ଷରତା ଏବଂ ଟିକସ ଲାଭକୁ ପ୍ରୋତ୍ସାହିତ କରିବା ଉଚିତ।

## ସାଂରଚନିକ ଭିତ୍ତିଭୂମିକୁ ସୁଦୃଢ଼ କରିବା

**ବ୍ୟବସାୟ କରିବାର ସହଜତା** : ଦୀର୍ଘକାଳୀନ ନିବେଶକୁ ଆକର୍ଷିତ କରିବା ଏବଂ ବ୍ୟବସାୟିକ ଭାବନାକୁ ଉନ୍ନତ କରିବା ପାଇଁ ଶ୍ରମ ଏବଂ ଭୂମି ସଂସ୍କାରକୁ ତ୍ୱରାନ୍ୱିତ କରିବା ଆବଶ୍ୟକ।

**ଭିତ୍ତିଭୂମି ପ୍ରୋତ୍ସାହନ**: ଆର୍ଥିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ବିଭିନ୍ନ କ୍ଷେତ୍ରରେ ଚାହିଦା ବୃଦ୍ଧି କରିବା ପାଇଁ ଦ୍ରୁତ ଭିତ୍ତିଭୂମି ପ୍ରକଳ୍ପ କରିବା ଦରକାର।

ସଂକ୍ଷେପରେ କହିଲେ, ଫେବୃଆରୀ ୨୦୨୫ ରେ ଭାରତର ଅର୍ଥନୀତିରେ ଏକ ତୀବ୍ର ଇକ୍ୱିଟି ବଜାର ସଂଶୋଧନ, ନିରନ୍ତର ଏଫ୍‌ପିଆଇ ପ୍ରବାହ, ଟଙ୍କା ଦୁର୍ବଳ ହେବା ଏବଂ ବିଶ୍ୱ ବାଣିଜ୍ୟ ଅନିଶ୍ଚିତତା ଦ୍ୱାରା ବୃଦ୍ଧି ପାଇଥିବା ବ୍ୟାପକ କ୍ଷେତ୍ରଗତ ସଙ୍କଟ ଦେଖାଦେଇଛି। ଡିଆଇଆଇ କିଛି କ୍ଷତିକୁ ହ୍ରାସ କରିଛନ୍ତି, କିନ୍ତୁ ପରିସ୍ଥିତି ତୁରନ୍ତ ପଦକ୍ଷେପ ଦାବି କରୁଛି। ନିବେଶକଙ୍କ ବିଶ୍ୱାସକୁ ପୁନଃସ୍ଥାପିତ କରି, ମୁଦ୍ରାକୁ ସ୍ଥିର କରି, ଦୁର୍ବଳ କ୍ଷେତ୍ରଗୁଡ଼ିକୁ ସମର୍ଥନ କରି, ଘରୋଇ ନିବେଶ ବୃଦ୍ଧି କରି ଏବଂ ବିଶ୍ୱ ଚ୍ୟାଲେଞ୍ଜକୁ ସମାଧାନ କରି, ଭାରତ ଏହି ଅସ୍ଥିରତାକୁ ମୁକାବିଲା କରିପାରିବ। ସାଂରଚନିକ ସଂସ୍କାର ସହିତ ମିଳିତ ଭାବରେ, ଏହି ପଦକ୍ଷେପଗୁଡ଼ିକ ସ୍ଥାୟୀ ଅଭିବୃଦ୍ଧିକୁ ଫେରାଇ ଆଣିବା ପାଇଁ ପଥ ପ୍ରଶସ୍ତ କରିପାରିବ, ଘରୋଇ ଏବଂ ଅନ୍ତର୍ଜାତୀୟ ଉଭୟ ପ୍ରତିକୂଳ ପରିସ୍ଥିତି ବିରୋଧରେ ସ୍ଥିରତା ସୁନିଶ୍ଚିତ କରିପାରିବ। ■

*ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସୀ*
*୧୮/୨ – ସତ୍‌ସଙ୍ଗ ବିହାର ମାର୍ଗେ, ଜଏନ୍‌ୟୁ ପୂର୍ବ ଗେଟ୍ ନିକଟ, ନୂଆଦିଲ୍ଲୀ*
*ମୋ: ୯୬୫୦୮୬୯୨୧୪*



ଅନନ୍ତ ଚରଣ ସ୍ୱାଇଁ




# ଆର୍ଥିକ ଅସମାନତା ପ୍ରକାର ଓ ପ୍ରତିକାର

ବିଭିନ୍ନ କ୍ଷେତ୍ରରେ ଦେଖାଯାଉଥିବା ଅସମାନତା, ସାରା ବିଶ୍ୱ ପାଇଁ ଏବେ ଚିନ୍ତାର ବିଷୟ। ଅସମାନତା ହେଉଛି ଏକ ଅବସ୍ଥା । ଏହା, ବ୍ୟକ୍ତି, ଗୋଷ୍ଠୀ କିମ୍ବା ଦେଶଗୁଡ଼ିକ ମଧ୍ୟରେ ଉପଲବ୍ଧ ସୁଯୋଗ, ସମ୍ପତ୍ତି ଏବଂ ଅଧିକାରର ଅସମାନ ବଣ୍ଟନରୁ ସୃଷ୍ଟି ହୋଇଥାଏ।

ପ୍ରତିବର୍ଷ ଜାନୁଆରୀ ମାସରେ ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ଠାରେ ଅନୁଷ୍ଠିତ ହେଉଥିବା ୱାର୍ଲ୍ଡ ଇକନୋମିକ୍ ଫୋରମ୍‌ରେ, ଅକ୍ସଫାମ୍ ଦ୍ୱାରା ପ୍ରସ୍ତୁତ ଅସମାନତା ରିପୋର୍ଟ (Inequality Report) ଉପସ୍ଥାପନ କରାଯାଏ। ଅକ୍ସଫାମ୍ (Oxfam) ହେଉଛି ଏକ ଅନ୍ତର୍ଜାତୀୟ ସମାଜସେବୀ ସଂଗଠନ। ଏହା ୧୯୪୨ ମସିହାରେ ବ୍ରିଟେନ୍‌ରେ ସ୍ଥାପିତ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଗ୍ରୀସ୍‌ର ଦୁଃଖୀତ ଲୋକମାନଙ୍କ ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ଯୋଗାଇବାର ଉଦ୍ଦେଶ୍ୟ ନେଇ ଗଠିତ ଏହି ସଂସ୍ଥା ଏବେ ବିଶ୍ୱର ୯୦ରୁ ଅଧିକ ଦେଶରେ କାର୍ଯ୍ୟ କରୁଛି। ଏହା ମୁଖ୍ୟତଃ ଦାରିଦ୍ର୍ୟ ନିବାରଣ, ଖାଦ୍ୟ ସୁରକ୍ଷା, ମହିଳାମାନଙ୍କର ଅଧିକାର, ଶିକ୍ଷା, ଆର୍ଥିକ ଅସମାନତା ଏବଂ ପ୍ରାକୃତିକ ବିପର୍ଯ୍ୟୟ, ମାନବିକ ସାହାଯ୍ୟ ଦେବା ପରି କ୍ଷେତ୍ରରେ କାର୍ଯ୍ୟ କରେ।

ଅସମାନତା ରିପୋର୍ଟ, ବିଶ୍ୱର ଅର୍ଥନୈତିକ ବିକାଶ, ଧନ-ସମ୍ପତ୍ତିର ବଣ୍ଟନ ଏବଂ ବୈଷମ୍ୟତା ସମ୍ବନ୍ଧରେ ତଥ୍ୟ ଦେଇଥାଏ। ଏହି ରିପୋର୍ଟ ସରକାର, ଅନ୍ତର୍ଜାତୀୟ ସଂସ୍ଥା, ନୀତି ନିର୍ମାତା ଏବଂ ସାମାଜିକ କାର୍ଯ୍ୟକର୍ତ୍ତାମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ହିସାବରେ କାର୍ଯ୍ୟ କରେ।

ଅସମାନତା ମଧ୍ୟରେ ମୁଖ୍ୟ ହେଉଛି ଆର୍ଥିକ ଅସମାନତା। ଭାରତରେ ଆର୍ଥିକ ଅସମାନତା ଏକ ମୁଖ୍ୟ ସମସ୍ୟା । ବିଗତ କିଛି ବର୍ଷ ମଧ୍ୟରେ ଭାରତରେ ଧନୀ ଏବଂ ଗରିବ ମଧ୍ୟରେ ଥିବା ବ୍ୟବଧାନ ବୃଦ୍ଧି ପାଇବାରେ ଲାଗିଛି। ଏକ ଅନୁସନ୍ଧାନ ଅନୁଯାୟୀ, ଭାରତର ୧% ଲୋକଙ୍କ ପାଖରେ ଦେଶର ସମୁଦାୟ ଧନର ୭୩% ଥିବା ବେଳେ ବାକି ୯୯% ଲୋକଙ୍କ ପାଖରେ ଅଛି ମାତ୍ର ୨୭% । ବିଶ୍ୱ ଅସମାନତା ରିପୋର୍ଟ ୨୦୨୨-୨୩ ଅନୁସାରେ ଜାତୀୟ ଆୟର ୨୨.୬% ଶୀର୍ଷ ୧% ଲୋକଙ୍କ ପାଖକୁ ଯାଇଛି।

ଶୀର୍ଷ ୧% ଲୋକଙ୍କ ଆୟ ଓ ଧନ ସମ୍ପତ୍ତି କ୍ରମାଗତ ବୃଦ୍ଧି ପାଉଛି। ଭାରତରେ ଏବେ ଦେଶରେ ପ୍ରାୟ ୧୯୧ ଜଣ ବିଲିୟନେୟାର (୧ ବିଲିୟାନ ଡଲାର=୧୦୦ କୋଟି) ଅଛନ୍ତି, ଯେଉଁମାନଙ୍କ ସମ୍ପତ୍ତିର ମୂଲ୍ୟ ୧ ବିଲିୟାନ ଆମେରିକାନ୍ ଡଲାର (୧ ଡଲାର= ୮୭ ଟଙ୍କା)ରୁ ଅଧିକ । ୨୦୦୦ ମସିହାରେ ଦେଶରେ ୯ ଜଣ ବିଲିୟନେୟାର ଥିବା ବେଳେ ୨୦୧୭ ବେଳକୁ ଏହା ବୃଦ୍ଧି ପାଇ ହୋଇଥିଲା ୧୦୧। ୨୦୨୪ ମସିହାରେ ବିଶ୍ୱର ବିଲିୟନେୟାରମାନଙ୍କ ସମ୍ପତ୍ତିରେ ୨ ଟ୍ରିଲିୟନ୍ (୧ ଟ୍ରିଲିଆନ = ୧ ଲକ୍ଷ କୋଟି) ଆମେରିକାନ ଡଲାର ବୃଦ୍ଧି ପାଇଛି। ବିଶ୍ୱରେ ପ୍ରତି ସପ୍ତାହରେ ୪ ଜଣ ନୂଆ ବିଲିୟନେୟାର ସୃଷ୍ଟି ହେଉଛନ୍ତି। ଅନ୍ୟ ଏକ ଅନୁସନ୍ଧାନରୁ ଜଣାଯାଏ ଯେ, ୧୮୨୦ ମସିହା ବେଳକୁ ବିଶ୍ୱର ଶୀର୍ଷ ୧୦% ଧନୀଙ୍କ ଆୟ ନିମ୍ନ ୫୦%ଙ୍କ ଆୟଠାରୁ ୧୮ ଗୁଣ ଅଧିକ ଥିଲାବେଳେ ୨୦୨୦ ବେଳକୁ ଏହା ଅଧିକ ୩୮ ଗୁଣରେ ପହଞ୍ଚିଛି। ୨୦୨୪ ମସିହାରେ ବିଲିନେୟାରମାନଙ୍କ ସମ୍ପତ୍ତି ୨୦୨୩ ମସିହା ତୁଳନାରେ ୩ ଗୁଣ ବୃଦ୍ଧି ପାଇଛି।

ନିମ୍ନ ୫୦ % ଲୋକଙ୍କ ଆୟ କ୍ରମାଗତ ଭାବରେ ହ୍ରାସ ପାଉଛି। ଶୀର୍ଷ ୫ % ଭାରତୀୟଙ୍କ ପାଖରେ ଦେଶର ୬୦ ପ୍ରତିଶତରୁ ଅଧିକ ସମ୍ପତ୍ତି ଅଛି। ପୁରୁଷମାନେ ଶ୍ରମରୁ ୮୨% ଆୟ କରୁଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ହେଉଛି ମାତ୍ର ୧୮%। ମହିଳାମାନଙ୍କ ଆୟ ପୁରୁଷଙ୍କ ତୁଳନାରେ କମ୍। ଦିନକରେ ଥିବା ୧୪୪୦ ମିନିଟ୍‌ରୁ ପୁରୁଷମାନେ ପ୍ରାୟ ୬୧% ଓ ମହିଳାମାନେ ୨୦.୭% ସମୟ ରୋଜଗାର ପାଇଁ ଦେଇଥାଆନ୍ତି। ମାଗଣାରେ ଘର କାମ କରିବାକୁ ମହିଳାମାନେ ୮୧.୫% ଓ ପୁରୁଷମାନେ ୨୭% ସମୟ ଦିଅନ୍ତି।



**ଅସମାନତା ଏକ ଜଟିଳ ଏବଂ ବହୁମୁଖୀ ସମସ୍ୟା, ଯାହା ବିଶ୍ୱର ପ୍ରାୟ ପ୍ରତ୍ୟେକ ସମାଜରେ ଦେଖାଯାଏ। ଏହା କେବଳ ଆର୍ଥିକ ଅସମାନତା ନୁହେଁ, ବରଂ ଏଥିରେ ସାମାଜିକ, ଲିଙ୍ଗଗତ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅସମାନତା ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ। ସମାଜରେ ଦେଖା ଦେଉଥିବା ଅନ୍ୟ ଅସମାନତାଗୁଡ଼ିକ ହେଲା:-**

## ସାମାଜିକ ଅସମାନତା

ଭାରତରେ ସାମାଜିକ ଅସମାନତା ମଧ୍ୟ ଏକ ଗମ୍ଭୀର ସମସ୍ୟା। ଜାତି, ଧର୍ମ ଏବଂ ଲିଙ୍ଗଗତ ଭେଦଭାବ ଭାରତରେ ସାମାଜିକ ଅସମାନତାର ମୁଖ୍ୟ କାରଣ। ଏଥିରେ, ଦଳିତ ଏବଂ ଆଦିବାସୀ ସମ୍ପ୍ରଦାୟ ସବୁଠାରୁ ଅଧିକ ପ୍ରଭାବିତ ହୋଇଥାଆନ୍ତି। ଏହି ସମ୍ପ୍ରଦାୟଗୁଡ଼ିକ ଶିକ୍ଷା, ରୋଜଗାର, ଏବଂ ସ୍ୱାସ୍ଥ୍ୟ ସେବା ପ୍ରଭୃତି କ୍ଷେତ୍ରରେ ପଛୁଆ। ମହିଳାମାନେ ମଧ୍ୟ ସାମାଜିକ ଅସମାନତାର ଶିକାର ହୋଇଥାନ୍ତି। ମହିଳାମାନେ ସମାନ ଅଧିକାର ଏବଂ ସୁଯୋଗ ପାଆନ୍ତି ନାହିଁ। ଫଳରେ ସେମାନେ ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ପଛୁଆ ରହିଯାଆନ୍ତି।

■ **ଶିକ୍ଷା କ୍ଷେତ୍ରରେ ଅସମାନତା**

ଶିକ୍ଷା କ୍ଷେତ୍ରରେ ଅସମାନତା ଭାରତରେ ଏକ ସମସ୍ୟା । ଗରିବ ଏବଂ ପଛୁଆ ସମ୍ପ୍ରଦାୟର ପିଲାମାନେ ଉଚ୍ଚ ଗୁଣବତ୍ତା ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥାନ୍ତି । ଶିକ୍ଷା କ୍ଷେତ୍ରରେ ଅସମାନତା ଦେଶର ଆର୍ଥିକ ଏବଂ ସାମାଜିକ ବିକାଶକୁ ପ୍ରଭାବିତ କରେ ।

■ **ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସମାନତା**

ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସମାନତା ମଧ୍ୟ ଆଉ ଏକ ସମସ୍ୟା । ଗରିବ ଏବଂ ପଛୁଆ ସମ୍ପ୍ରଦାୟର ଲୋକମାନେ ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ପାଇବାର ସୁବିଧା ସୁଯୋଗ ପାଆନ୍ତି ନାହିଁ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଅସମାନତା ଦେଶର ସାମାଜିକ ଏବଂ ଆର୍ଥିକ ବିକାଶକୁ ପ୍ରଭାବିତ କରେ ।

■ **ଅସମାନତାର କାରଣ**

ଭାରତରେ ଅସମାନତାର ବିଭିନ୍ନ କାରଣ ରହିଛି । ଆର୍ଥିକ ନୀତି, ସାମାଜିକ ବ୍ୟବସ୍ଥା ଏବଂ ରାଜନୈତିକ ପ୍ରଭାବ, ଭାରତରେ ଅସମାନତାର ମୁଖ୍ୟ କାରଣ । ଆର୍ଥିକ ନୀତି ଯେପରିକି ଟ୍ୟାକ୍ସ ନୀତି, ସବ୍‌ସିଡି ଏବଂ ବିନିଯୋଗ ନୀତି ଭାରତରେ ଅସମାନତା ସୃଷ୍ଟି କରିଛି । ଜାତି ପ୍ରଥା, ଧର୍ମ ଏବଂ ଲିଙ୍ଗଗତ ଭେଦଭାବ ପରି ସାମାଜିକ ବ୍ୟବସ୍ଥା ଦେଶରେ ଅସମାନତା ସୃଷ୍ଟି କରେ । ଭ୍ରଷ୍ଟାଚାର ଭଳି ଅନୈତିକ ରାଜନୈତିକ ପ୍ରଭାବ ଏବଂ ରାଜନୈତିକ ଫାଇଦା ପାଇଁ ନୀତିରେ ପରିବର୍ତ୍ତନ ମଧ୍ୟ ଅସମାନତା ସୃଷ୍ଟିର କାରଣ ।

■ **ଅସମାନତାର ପ୍ରଭାବ**

ଅସମାନତା ଦେଶର ସାମାଜିକ ସ୍ଥିରତା, ଆର୍ଥିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର କ୍ଷେତ୍ରରେ ପ୍ରଭାବ ପକାଇ ଥାଏ ।



# ଅସମାନତା ହ୍ରାସ ପାଇଁ ପଦକ୍ଷେପ



## ଅସମାନତା ହ୍ରାସ ପାଇଁ ପଦକ୍ଷେପଗୁଡ଼ିକ ହେଲା:-

### ଶିକ୍ଷାର ପ୍ରସାର ଏବଂ ଗୁଣବତ୍ତା ବୃଦ୍ଧି



ଶିକ୍ଷା ହେଉଛି ଅସମାନତା ଦୂର କରିବାର ଏକ ପ୍ରମୁଖ ଉପାଦାନ । ଶିକ୍ଷା ଲୋକମାନଙ୍କ ଦକ୍ଷତା ବଢ଼ାଏ, ସ୍ୱାବଲମ୍ବୀ କରେ ଏବଂ ଉନ୍ନତ ଜୀବନଯାପନର ପଥ ପରିଷ୍କାର କରିଥାଏ । ତେଣୁ, ସରକାରଙ୍କୁ ଶିକ୍ଷାର ପ୍ରସାର ଏବଂ ଗୁଣବତ୍ତା ବୃଦ୍ଧି ପାଇଁ ପ୍ରଦତ୍ତ ଦିଗ ପ୍ରତି ଧ୍ୟାନ ଦେବା ଦରକାର ।

- ମାଗଣା ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରବର୍ତ୍ତନ ।
- ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ନୂତନ ଶିକ୍ଷାନୁଷ୍ଠାନ ସ୍ଥାପନ ସହ, ପୁରୁଣା ଶିକ୍ଷାନୁଷ୍ଠାନଗୁଡ଼ିକର ଉନ୍ନତିକରଣ ।
- ଦକ୍ଷତା ବୃଦ୍ଧି ପାଇଁ ଶିକ୍ଷକମାନଙ୍କର ନିୟମିତ ପ୍ରଶିକ୍ଷଣ ।
- ଶିକ୍ଷାକୁ ପ୍ରୋତ୍ସାହନ ଦେବାକୁ ଛାତ୍ରଛାତ୍ରୀମାନଙ୍କ ପାଇଁ ବୃତ୍ତି ଏବଂ ଆର୍ଥିକ ସହାୟତା ପ୍ରାବଧାନ ।
- ଲିଙ୍ଗଗତ ଅସମାନତା ଦୂର କରିବା ପାଇଁ ଝିଅମାନଙ୍କ ଶିକ୍ଷା ପ୍ରତି ବିଶେଷ ଧ୍ୟାନ ।

### ସୁଲଭ ସ୍ୱାସ୍ଥ୍ୟସେବା



ସ୍ୱାସ୍ଥ୍ୟ ସେବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର । ଯେଉଁମାନେ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ, ସେମାନେ ଅନ୍ୟାନ୍ୟ ସାମାଜିକ ଏବଂ ଆର୍ଥିକ ସୁଯୋଗରୁ ମଧ୍ୟ ବଞ୍ଚିତ ହୁଅନ୍ତି । ତେଣୁ, ସ୍ୱାସ୍ଥ୍ୟ ସେବାର ସୁଲଭ ପ୍ରବେଶ ନିଶ୍ଚିତ କରିବା ଅସମାନତା ହ୍ରାସ ପାଇଁ ଅତ୍ୟନ୍ତ ଆବଶ୍ୟକ । ଏଥିପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇପାରିବ ।

- ସର୍ବସାଧାରଣଙ୍କ ପାଇଁ ମାଗଣା ଏବଂ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇଦେବା ।
- ଗ୍ରାମାଞ୍ଚଳରେ ଅଧିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ ଏବଂ ସେଗୁଡ଼ିକର ସୁବିଧା ବୃଦ୍ଧି ।
- ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ।
- ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରସାର ଏବଂ ଦରିଦ୍ର ଲୋକଙ୍କ ପାଇଁ ଏହାର ସୁବିଧା ନିଶ୍ଚିତ କରିବା ।
- ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ପ୍ରଶିକ୍ଷଣ ପ୍ରଦାନ ।

### ଲିଙ୍ଗଗତ ଅସମାନତା ହ୍ରାସ

ଲିଙ୍ଗଗତ ଅସମାନତା ହେଉଛି ଅନେକ ସମାଜରେ ଥିବା ଏକ ପ୍ରମୁଖ ସମସ୍ୟା । ଏହା ମହିଳାଙ୍କ ଅଧିକାରକୁ ସୀମିତ କରିଦିଏ । ଏଣୁ, ଲିଙ୍ଗଗତ ଅସମାନତା ଦୂର କରିବା ପାଇଁ କେତେକ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରି ।

- ମହିଳାଙ୍କ ଶିକ୍ଷା ଏବଂ ରୋଜଗାର ପ୍ରତି ବିଶେଷ ଧ୍ୟାନ ଦେବା ।
- କାର୍ଯ୍ୟସ୍ଥଳରେ ମହିଳାଙ୍କ ପାଇଁ ସୁରକ୍ଷା ଏବଂ ସମାନ ମଜୁରି ନିଶ୍ଚିତ କରିବା ।
- ମହିଳାଙ୍କ ବିରୁଦ୍ଧରେ ହିଂସା ଏବଂ ଭେଦଭାବ ରୋକିବା ପାଇଁ କଠୋର ଆଇନ ପ୍ରଣୟନ ।
- ମହିଳାଙ୍କ ରାଜନୈତିକ ଏବଂ ସାମାଜିକ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେବା ।
- ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ସମାନତା ପ୍ରତି ସଚେତନତା ସୃଷ୍ଟି କରିବା ।

### ସାମାଜିକ ସୁରକ୍ଷା ଯୋଜନାର ପ୍ରଚାର ପ୍ରସାର

ସାମାଜିକ ସୁରକ୍ଷା ଯୋଜନା ଗରିବ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ଏକ ସୁରକ୍ଷା ଢାଲ ପ୍ରଦାନ କରେ । ଏହା ସେମାନଙ୍କୁ ମୌଳିକ ଆବଶ୍ୟକତା ପୂରଣ କରିବାରେ ସହାୟତା କରେ ଏବଂ ଅସମାନତା ହ୍ରାସ କରେ ।




- ସାମାଜିକ ସୁରକ୍ଷା ଯୋଜନା, ସମସ୍ତ ପ୍ରାପ୍ତ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଇବାର ବ୍ୟବସ୍ଥା କରିବା ।
- ବୃଦ୍ଧ, ବିକଳାଙ୍ଗ ଏବଂ ଦରିଦ୍ର ଲୋକଙ୍କ ପାଇଁ ଉପଯୁକ୍ତ ପେନସନ୍ ବ୍ୟବସ୍ଥା କରିବା ।
- ଖାଦ୍ୟ ସୁରକ୍ଷା ଯୋଜନା ମାଧ୍ୟମରେ ଗରିବ ଲୋକଙ୍କୁ ଖାଦ୍ୟ ଯୋଗାଇଦେବା ।
- ଆପଦା ସମୟରେ ଆର୍ଥିକ ସହାୟତା ।
- ଶିଶୁ ଏବଂ ମହିଳାଙ୍କ ପାଇଁ ପୋଷଣ ଯୋଜନା ପ୍ରସାର ।

### ଗ୍ରାମାଞ୍ଚଳର ଉନ୍ନତି


ଗ୍ରାମାଞ୍ଚଳରେ ଅଧିକାଂଶ ଲୋକ ବାସ କରନ୍ତି, ତେଣୁ ଗ୍ରାମାଞ୍ଚଳର ଉନ୍ନତି ଅସମାନତା ହ୍ରାସ ପାଇଁ ଅତ୍ୟନ୍ତ ଆବଶ୍ୟକ ।

- ଗ୍ରାମାଞ୍ଚଳରେ ପାଣି, ବିଦ୍ୟୁତ୍, ଏବଂ ସଡ଼କ ସୁବିଧା ଯୋଗାଇଦେବା ।
- କୃଷି କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଆର୍ଥିକ ସହାୟତା ପ୍ରଦାନ କରିବା ।
- ଗ୍ରାମାଞ୍ଚଳରେ ଛୋଟ ଏବଂ ମଧ୍ୟମ ଉଦ୍ୟୋଗକୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବା




### ଆର୍ଥିକ ସୁଯୋଗର ଉନ୍ନତିକରଣ

ଆର୍ଥିକ ଅସମାନତା ହେଉଛି ସମାଜରେ ଥିବା ଅନ୍ୟାନ୍ୟ ଅସମାନତାର ମୂଳ କାରଣ । ଆର୍ଥିକ ସୁଯୋଗର ସମାନ ବିତରଣ ଅସମାନତା ହ୍ରାସ କରିବାରେ ସହାୟକ ହୋଇଥାଏ । ଆର୍ଥିକ ସୁଯୋଗର ବ୍ୟାପକ ବିସ୍ତାର ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ଆବଶ୍ୟକ ।



- ଛୋଟ ଏବଂ ମଧ୍ୟମ ଉଦ୍ୟୋଗ (SMEs)କୁ ଆର୍ଥିକ ସହାୟତା ।
- ଦୁର୍ଗମ ଏବଂ ପଛୁଆ ଅଞ୍ଚଳରେ ରୋଜଗାର ସୃଷ୍ଟି ପାଇଁ ଯୋଜନା ।
- ମହିଳା ଏବଂ ଯୁବକଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ପାଇଁ ଯୋଜନା ପ୍ରସ୍ତୁତି ।
- କୃଷି କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଆର୍ଥିକ ସହାୟତା ଯୋଗାଇଦେବା ।
- ନୂଆ ପ୍ରକଳ୍ପ ବା ଯୋଜନାକୁ ପ୍ରୋତ୍ସାହନ ।
- ଟିକସ ବ୍ୟବସ୍ଥାରେ ସୁଧାର ଆଣି ଧନୀ ଏବଂ ଗରିବ ମଧ୍ୟରେ ଥିବା ବ୍ୟବଧାନ କମାଇବା ।

## ରୋଜଗାରର ସୁଯୋଗ ସୃଷ୍ଟି





ରୋଜଗାର ହେଉଛି ଅସମାନତା ଦୂର କରିବାର ଏକ ମୁଖ୍ୟ ଉପାୟ। ଯେତେବେଳେ ଲୋକଙ୍କୁ ଉପଯୁକ୍ତ ରୋଜଗାର ସୁଯୋଗ ମିଳେ, ସେତେବେଳେ ସେମାନେ ସ୍ୱାବଲମ୍ବୀ ହୋଇପାରନ୍ତି ଏବଂ ସେମାନଙ୍କର ଜୀବନଧାରାର ଗୁଣବତ୍ତା ଉନ୍ନତ ହୋଇଥାଏ। ଏଥିପାଇଁ ଆବଶ୍ୟକ:

- ଶିଳ୍ପ ଏବଂ ଉଦ୍ୟୋଗିକ ବିକାଶ ପାଇଁ ପ୍ରୋତ୍ସାହନ।
- ଯୁବକଙ୍କ ପାଇଁ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ।
- ଗ୍ରାମାଞ୍ଚଳରେ କୁଟୀର ଶିଳ୍ପ ଏବଂ ପାରମ୍ପରିକ ହସ୍ତଶିଳ୍ପକୁ ପ୍ରୋତ୍ସାହନ।
- ଗ୍ରାମ୍ୟ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା।







## ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତି ଧ୍ୟାନ

- ନବୀକରଣୀୟ ଶକ୍ତି ଉତ୍ସ (ସୌର ଶକ୍ତି, ପବନ ଶକ୍ତି) ପ୍ରତି ଗୁରୁତ୍ୱ ଦେବା।
- ଜଙ୍ଗଲ ସଂରକ୍ଷଣ ଏବଂ ପ୍ରାକୃତିକ ସମ୍ପଦର ସୁଯୋଗ୍ୟ ବ୍ୟବହାର।
- ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ରକ୍ଷା ପାଇଁ ଗରିବ ଲୋକଙ୍କ ପାଇଁ ସୁରକ୍ଷା ଯୋଜନା ପ୍ରସାର କରିବା।
- ପରିବେଶ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା।



ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତି ଧ୍ୟାନ ଦେବା ମଧ୍ୟ ଅସମାନତା ହ୍ରାସ ପାଇଁ ଅତ୍ୟନ୍ତ ଆବଶ୍ୟକ। ଜଳବାୟୁ ପରିବର୍ତ୍ତନର ପ୍ରଭାବ ସବୁଠାରୁ ଅଧିକ ଗରିବ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ଉପରେ ପଡ଼ିଥାଏ। ତେଣୁ, ଏହାକୁ ନିୟନ୍ତ୍ରଣ ଉପରେ ଦୃଷ୍ଟି ଦେବା ଆବଶ୍ୟକ।

## ଆଇନଗତ ଏବଂ ନ୍ୟାୟ ପ୍ରଣାଳୀରେ ସୁଧାର

ଆଇନଗତ ଏବଂ ନ୍ୟାୟ ପ୍ରଣାଳୀରେ ସୁଧାର ଅସମାନତା ହ୍ରାସ ପାଇଁ ଅତ୍ୟନ୍ତ ଆବଶ୍ୟକ। ସଶକ୍ତ ଓ ସମୟଉପଯୋଗୀ ନ୍ୟାୟିକ ପକ୍ରିୟା ନ୍ୟାୟପ୍ରଣାଳୀକୁ ତ୍ୱରାନ୍ୱିତ କରିଥାଏ। ଏହାଦ୍ୱାରା, ଦୁର୍ବଳ ଓ ପଛୁଆ ବର୍ଗର ଲୋକଙ୍କୁ ଠିକ୍ ସମୟରେ ନ୍ୟାୟ ମିଳେ ଏବଂ ଅସମାନତା ହ୍ରାସ କରିବାରେ ସହାୟକ ହୋଇଥାଏ। ଏଣୁ:

- ନ୍ୟାୟ ପ୍ରଣାଳୀରେ ସୁଧାର ଆଣି ଏହାକୁ ଅଧିକ ପ୍ରଭାବଶାଳୀ ଏବଂ ଦ୍ରୁତତର କରିବା।
- ଦୁର୍ବଳ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ ମାଗଣା ଆଇନଗତ ସହାୟତା ଯୋଗାଇଦେବା।
- ଭେଦଭାବ ଏବଂ ଅସମାନତା ବିରୁଦ୍ଧରେ କଠୋର ଆଇନ ପ୍ରଣୟନ କରିବା।
- ନ୍ୟାୟ ପ୍ରଣାଳୀରେ ସ୍ୱଚ୍ଛତା ଏବଂ ପାରଦର୍ଶିତା ଆଣିବା।

## ସାମାଜିକ ଗଣମାଧ୍ୟମର ଭୂମିକା



ସାମାଜିକ ଗଣମାଧ୍ୟମର ଲୋକପ୍ରିୟତା ଏବେ ଦ୍ରୁତଗତିରେ ବଢ଼ି ଚାଲିଛି। ଅସମାନତା ବିରୋଧରେ ଜନସଚେତନତା ସୃଷ୍ଟି କରିବା ଓ ସମାଜରୁ ଅସମାନତା ହ୍ରାସ କରିବା ଦିଗରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରି ପାରିବ।



ଅସମାନତା ହେଉଛି ହେଉଛି ଏକପ୍ରକାର ସାମାଜିକ ବ୍ୟାଧି। ବିଭିନ୍ନ ଉପାୟ ଅବଲମ୍ବନ କରି ଏହାକୁ ହ୍ରାସ କରିହେବ। ଏଥିପାଇଁ ରାଜନୈତିକ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଯାଇ ସରକାର ଉପଯୁକ୍ତ ନୀତିନିୟମ ପ୍ରଣୟନ ସହ ଏହାକୁ କାର୍ଯ୍ୟ କରିବାରେ ଗୁରୁତ୍ୱ ଦେବା; ବିଭିନ୍ନ ସଂସ୍ଥା, ସଂଗଠନ ବା ବ୍ୟକ୍ତିମାନଙ୍କ ସହ ମିଳିତ ଭାବରେ କାମ କରିବା; ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରୋଜଗାର କ୍ଷେତ୍ରରେ ସମାନ ଅଧିକାର ଅଧିକ ସୁବିଧା ସୁଯୋଗ ସୃଷ୍ଟି କରିବା ଦ୍ୱାରା ସାମାଜିକ ବ୍ୟବସ୍ଥାରେ ସୁଧାର ଆସିବା ସହ ଅସମାନତା ହ୍ରାସ କରାଯାଇପାରିବ। ■

ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ, କେ ୭, କଳିଙ୍ଗନଗର, ଭୁବନେଶ୍ୱର
ମୋ: ୭୩୮୧୦୪୬୪୭୭



# ଅନିଶ୍ଚିତତାରେ ବିଶ୍ୱ ଅର୍ଥନୀତି






ଡକ୍ଟର ଅମରେନ୍ଦ୍ର ଦାସ


**କୋଭିଡ୍ ମହାମାରୀ ପରଠାରୁ ବିଶ୍ୱରେ ଅର୍ଥନୈତିକ ଅନିଶ୍ଚିତତା ଲାଗି ରହିଛି । କୋଭିଡ୍ ମହାମାରୀ ସମୟରେ ବିଶ୍ୱର ମୋଟ ଉତ୍ପାଦ ପାଖାପାଖି ତିନି ପ୍ରତିଶତ ହ୍ରାସ ପାଇଲା । କୋଭିଡ୍ ମହାମାରୀର ପ୍ରଭାବ ନଯାଉଣୁ ଫେବୃଆରୀ ୨୦୨୨ ମସିହାରୁ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା । ଯୁଦ୍ଧର ଘନଘଟାକୁ ଆହୁରି ସଙ୍କଟାପନ୍ନ କରି ଇସ୍ରାଇଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଯୁଦ୍ଧ ଅକ୍ଟୋବର ୨୦୨୩ ମସିହାରୁ ଆରମ୍ଭ ହେଲା । କୋଭିଡ୍ ମହାମାରୀ ଜନିତ ବିଶ୍ୱବ୍ୟାପୀ ତାଲାବନ୍ଦ ଯୋଗୁଁ ଉଭୟ କଞ୍ଚାମାଲ, ଦ୍ରବ୍ୟ ଏବଂ ସେବା ଯୋଗାଣରେ ବ୍ୟାଘାତ ହେଲା । ରୋଜଗାର ହାନି ଏବଂ ଆୟହ୍ରାସ ଯୋଗୁଁ ବଜାରରେ ଚାହିଦା ହ୍ରାସ ପାଇଲା । ଉଭୟ ଯୋଗାଣ ଏବଂ ଚାହିଦା ହ୍ରାସ ପାଇବା ଯୋଗୁଁ ଅର୍ଥନୈତିକ ଅଭିବୃଦ୍ଧି ବ୍ୟାପକ ମାତ୍ରାରେ ହ୍ରାସ ପାଇଲା । ଏହା ମଧ୍ୟରେ ସମଗ୍ର ବିଶ୍ୱରେ ଜଗତୀକରଣ ପ୍ରକ୍ରିୟାର ପ୍ରତ୍ୟାହାର ହେବାରେ ଲାଗିଛି । ୧୯୮୦ ଓ ୧୯୯୦ ଦଶକରେ ମୁକ୍ତ ବଜାର ଉପରେ ପ୍ରବଚନ ଦେଉଥିବା ବିକଶିତ ରାଷ୍ଟ୍ର ବର୍ତ୍ତମାନ ମୁକ୍ତ ବଜାର ନୀତିକୁ ବିରୋଧ କରିବାରେ ଲାଗିଛନ୍ତି ଏବଂ ଏ ଦିଗରେ ଅନେକ ଦୃଢ଼ ପଦକ୍ଷେପ ନେଉଛନ୍ତି ।**

## ମୁକ୍ତ ଅର୍ଥନୀତିର ପ୍ରଭାବ

ପୂର୍ବ ଏବଂ ପଶ୍ଚିମ ଜର୍ମାନୀର ଏକତ୍ରୀକରଣ ଏବଂ ସୋଭିଏତ୍ ରୁଷର ଭଙ୍ଗ ପରେ କମ୍ୟୁନିଷ୍ଟ ଚିନ୍ତାଧାରା ସମ୍ପୂର୍ଣ୍ଣ ଦୁର୍ବଳ ହେଲା ଏବଂ ମୁକ୍ତ ବଜାର ଚିନ୍ତାଧାରା ସୁଦୃଢ଼ ହେଲା । ଅର୍ଥଶାସ୍ତ୍ରୀମାନେ ମୁକ୍ତ ବଜାର ଅର୍ଥନୀତି ସମସ୍ତଙ୍କ ପାଇଁ ପ୍ରାଚୁର୍ଯ୍ୟ ଆଣିବା ବୋଲି ଦୃଢ଼ ଯୁକ୍ତି ରଖିଲେ । ଫଳରେ ରାଷ୍ଟ୍ରମାନଙ୍କ ମଧ୍ୟରେ ବାଣିଜ୍ୟ ପ୍ରତିବନ୍ଧକକୁ ଲୋପ କରି ଅବାଧ ବାଣିଜ୍ୟ ପାଇଁ ନୀତି ପ୍ରଣୟନ କରାଇବାକୁ ପ୍ରବର୍ତ୍ତାଇଲେ । ଅବାଧ ବାଣିଜ୍ୟ ବୃଦ୍ଧି ପାଇଁ ୧୯୯୫ ମସିହାରେ ବିଶ୍ୱ ବାଣିଜ୍ୟିକ ସଂଗଠନ (World Trade Organisation) ଗଠନ କରାଗଲା । ଆର୍ଥିକ ଅସୁବିଧାରେ ରାଷ୍ଟ୍ରଗୁଡ଼ିକୁ ସହାୟତା ଯୋଗାଇ ଦେବା ସମୟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଏବଂ ବିଶ୍ୱ ବ୍ୟାଙ୍କ ତରଫରୁ ମୁକ୍ତ ଅର୍ଥନୀତିକୁ ଗ୍ରହଣ କରାଇବା ପାଇଁ ଏକପ୍ରକାର ବାଧ ବି କରାଗଲା । ମୁକ୍ତ ଅର୍ଥନୀତି ଦ୍ୱାରା ଚାଇନା ଓ ଭାରତ ଭଳି ରାଷ୍ଟ୍ର ମଧ୍ୟ କିଛିକାଂଶରେ ଲାଭାନ୍ୱିତ ହେଲେ । କିନ୍ତୁ ଅନେକ ରାଷ୍ଟ୍ର ବୃହତ୍ ଅର୍ଥନୀତି ସହ ପ୍ରତିଯୋଗିତା କରିନପାରି କ୍ଷତିଗ୍ରସ୍ତ ହେଲେ । ଅନେକ ରାଷ୍ଟ୍ରର ଶିଳ୍ପ ବନ୍ଦ ହୋଇଗଲା । ବେକାରୀ ସମସ୍ୟା ବୃଦ୍ଧି ପାଇଲା । ମୁଦ୍ରାର ମୂଲ୍ୟ ହ୍ରାସ ହେଲା । ମୁଦ୍ରାସ୍ଫୀତି ବୃଦ୍ଧି ପାଇଲା । ସେତେବେଳେ କିନ୍ତୁ ବିକଶିତ ରାଷ୍ଟ୍ରଗୁଡ଼ିକ ମୁକ୍ତ ବଜାର ନୀତିକୁ ସମାଲୋଚନା ନକରି ଅଧିକରୁ ଅଧିକ ଅର୍ଥନୈତିକ ସଂସ୍କାର ଆଣିବା ପାଇଁ ପ୍ରବର୍ତ୍ତାଇଲେ । ଅବାଧ ବାଣିଜ୍ୟ ଅର୍ଥନୀତିର ପରିଣାମ ସ୍ୱରୂପ ୧୯୯୭ ମସିହା ବେଳକୁ ପୂର୍ବ-ଏସିଆ ସଙ୍କଟ ଜନ୍ମ ନେଲା । କିନ୍ତୁ ୨୦୦୮-୦୯ ମସିହା ଆର୍ଥିକ ସଙ୍କଟ ଏବଂ କୋଭିଡ୍ ମହାମାରୀ ପରେ ବିକଶିତ ରାଷ୍ଟ୍ରଗୁଡ଼ିକର ମୋହଭଙ୍ଗ ହୋଇଛି ।




## ବାଣିଜ୍ୟିକ କଟକଣା

ବିଶ୍ୱର ସର୍ବବୃହତ୍ ଅର୍ଥନୀତି ଆମେରିକା ଅନ୍ୟଦେଶର ଦ୍ରବ୍ୟ ଆମଦାନୀ ଉପରେ ବିଭିନ୍ନ କଟକଣା ଲଗାଇବାରେ ଲାଗିପଡ଼ିଛି । ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ କ୍ଷମତାକୁ ଫେରିବା ପରଠାରୁ ଆମେରିକାର ମୁକ୍ତ ଅର୍ଥନୀତିକ ନୀତି ପ୍ରତ୍ୟାହାର ହେବାରେ ଲାଗିଛି । ଏହାଫଳରେ ଆମେରିକାକୁ ରପ୍ତାନି କରୁଥିବା ରାଷ୍ଟ୍ରମାନେ ବିବ୍ରତ ହୋଇ ପଡ଼ିଲେଣି । ବିଶ୍ୱ ବାଣିଜ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ବିଶ୍ୱ ବାଣିଜ୍ୟ ଆକଳନ ଏବଂ ପରିସଂଖ୍ୟାନ ଅନୁସାରେ ବିଶ୍ୱର ମୋଟ ଦ୍ରବ୍ୟ ବ୍ୟବସାୟର ମୂଲ୍ୟ ଆମେରିକାର ଡଲାରରେ ୨୦୨୩ ମସିହାରେ ପ୍ରାୟ ପାଞ୍ଚ ପ୍ରତିଶତ ହ୍ରାସ ପାଇଥିଲା । କିନ୍ତୁ ଏହି ବର୍ଷ ସେବା ବ୍ୟବସାୟ ପ୍ରାୟ ୯ ପ୍ରତିଶତ ବୃଦ୍ଧି ପାଇଥିଲା । ଏସବୁ ସତ୍ତ୍ୱେ ୨୦୧୯ ମସିହା ତୁଳନାରେ ବିଶ୍ୱ ଦ୍ରବ୍ୟ ବାଣିଜ୍ୟ ୨୦୨୩ ମସିହା ସୁଦ୍ଧା ପ୍ରାୟ ୬.୩ ପ୍ରତିଶତ ବୃଦ୍ଧି ପାଇଛି ଏବଂ ସେବା ବାଣିଜ୍ୟ ପ୍ରାୟ ୨୧ ପ୍ରତିଶତ ବୃଦ୍ଧି ପାଇଛି । ଏହି ବର୍ଷ ରୁଷିଆର ରପ୍ତାନି ସର୍ବାଧିକ ୨୮ ପ୍ରତିଶତ ହ୍ରାସ ପାଇଛି, ଚାଇନାର ୫ ପ୍ରତିଶତ, ଜାପାନର ୪ ପ୍ରତିଶତ, ଦକ୍ଷିଣ କୋରିଆର ୮ ପ୍ରତିଶତ ଏବଂ ଆମେରିକାର ୨ ପ୍ରତିଶତ ହ୍ରାସ ପାଇଛି । ୟୁରୋପ ସଂଗଠନର ସମଗ୍ର ବିଶ୍ୱକୁ ମୋଟ ରପ୍ତାନି ଦୁଇ ପ୍ରତିଶତ ହ୍ରାସ ପାଇଥିବା ସମୟରେ ୟୁରୋପ ସଂଗଠନ ଭିତରେ ବାଣିଜ୍ୟ ପ୍ରାୟ ଏକ ପ୍ରତିଶତ ହ୍ରାସ ପାଇଛି । କୋଭିଡ୍ ମହାମାରୀ ସମୟରେ ୨୦୨୦ ମସିହାରେ ବିଶ୍ୱ ବାଣିଜ୍ୟ ୫ ପ୍ରତିଶତ ହ୍ରାସ ପାଇଥିବା ବେଳେ ୨୦୨୩ ମସିହାରେ ୧.୨ ପ୍ରତିଶତ ହ୍ରାସ ପାଇଥିଲା । ଜଗତିକରଣର ପ୍ରତ୍ୟାହାର ସୂଚକାଙ୍କ ସଦୃଶ ବିଶ୍ୱରେ ଆଞ୍ଚଳିକ ବାଣିଜ୍ୟିକ ଚୁକ୍ତି ହ୍ରାସ ପାଇବାରେ ଲାଗିଛି । ୨୦୦୦ ଦଶକରେ ବିଶ୍ୱରେ ଆଞ୍ଚଳିକ ବାଣିଜ୍ୟିକ ଚୁକ୍ତି ପ୍ରାୟ ୧୨ ଥିବା ବେଳେ ୨୦୨୦ ଦଶକରେ ଏହା ହ୍ରାସ ପାଇଁ ୫ରେ ପହଞ୍ଚି ସାରିଛି । ବିଭିନ୍ନ ରାଷ୍ଟ୍ରଗୁଡ଼ିକ ବାଣିଜ୍ୟ କଟକଣା ଜାରି ପାଇଁ ନେଉଥିବା ପଦକ୍ଷେପ ବୃଦ୍ଧି ପାଇବାରେ ଲାଗିଛି ।

ଆମେରିକା ଏକ ବିକଶିତ ରାଷ୍ଟ୍ର ହୋଇଥିଲେ ମଧ୍ୟ ବାଣିଜ୍ୟ କ୍ଷେତ୍ରରେ ନିଅଣ୍ଟିଆ ରହିଛି । ଦେଶର ସମଗ୍ର ବାଣିଜ୍ୟ ବାଲାନ୍ସ ଅଫ୍ ପେମେଣ୍ଟ (Balance of Payment)ରେ ପ୍ରତିଫଳିତ ହୋଇଥାଏ । ଏଥିରେ (Current Account) ଚଳନ୍ତି ଖାତାରେ ଦ୍ରବ୍ୟ, ସେବା ଓ







## ଭାରତର ଅର୍ଥନୀତି ଅଭିବୃଦ୍ଧି ଆକଳନ

ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ଜାନୁଆରୀ ୨୦୨୫ର ବିଶ୍ୱ ଅର୍ଥନୈତିକ ଅଭିବୃଦ୍ଧି ଆକଳନ ଅନୁସାରେ ବିଶ୍ୱ ଅର୍ଥନୀତି ୨୦୨୫ ମସିହା ଏବଂ ୨୦୨୬ ମସିହାରେ ୩.୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ। ଏହି ସମୟରେ ବିକଶିତ ରାଷ୍ଟ୍ର ସମୂହ



ହାରାହାରି ୧.୯ % ଏବଂ ୧.୮% ଅଭିବୃଦ୍ଧି ହାସଲ କରିବାର ଆକଳନ କରାଯାଉଛି। ବିକାଶମୁଖୀ ରାଷ୍ଟ୍ର ସମୂହ ହାରାହାରି ୪.୨ ଏବଂ ୪.୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାର ଆକଳନ କରାଯାଉଛି। ବିଶ୍ୱର ପ୍ରମୁଖ ଅର୍ଥନୀତିମାନଙ୍କ ମଧ୍ୟରେ ଭାରତର ଅର୍ଥନୀତି ସର୍ବାଧିକ ଅଭିବୃଦ୍ଧି (୬.୫%) ହାସଲ କରିବାର ଆକଳନ କରାଯାଉଛି। ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବା ପାଇଁ ଭାରତ ଯେଉଁ ଲକ୍ଷ୍ୟ ରଖିଛି ସେଥିପାଇଁ ୭ ପ୍ରତିଶତରୁ ଅଧିକ ଅଭିବୃଦ୍ଧି ଆବଶ୍ୟକ ରହିଛି। ତେଣୁକରି ୭ ପ୍ରତିଶତରୁ କମ ଅଭିବୃଦ୍ଧି ହାର ଭାରତ ପାଇଁ ଆହ୍ୱାନ ସୃଷ୍ଟି କରିଛି।

ଉପାଦାନଗୁଡ଼ିକର ପାଉଣା (ଯେମିତିକି ପ୍ରବାସୀମାନେ ପଠାଉଥିବା ଟଙ୍କା ଏବଂ ବିଦେଶରେ ହେଉଥିବା ଲାଭାଂଶ ଇତ୍ୟାଦି) ଆଦିର ଆମଦାନୀ ଓ ରପ୍ତାନିର ହିସାବ ରଖାଯାଏ। (Capital Account) ପୁଞ୍ଜି ଖାତାରେ ଦେଶରୁ ପୁଞ୍ଜି ଯିବା ଆସିବାର ହିସାବ ରଖାଯାଏ। ଆମେରିକାର ଚଳନ୍ତି ଖାତାରେ ନିଅଣ୍ଟ ଦେଶର ମୋଟ ଘରୋଇ ଉତ୍ପାଦର ପ୍ରାୟ ୪ ପ୍ରତିଶତ। ଚାଇନାର ରପ୍ତାନି ଅଧିକ ହୋଇଥିବାରୁ ଏହାର ଚଳନ୍ତି ଖାତାରେ ୨.୨ ପ୍ରତିଶତ ବଳକା ରହିଛି। ଜର୍ମାନୀର ବଳକା ୪ . ୨ ପ୍ରତିଶତ, ଇଂଲଣ୍ଡର ପ୍ରାୟ ୪ ପ୍ରତିଶତ ନିଅଣ୍ଟ। ଭାରତରେ ମଧ୍ୟ ଚଳନ୍ତି ଖାତାରେ ୨.୩ ପ୍ରତିଶତ ନିଅଣ୍ଟ ରହିଛି। ମେକ୍ସିକୋର ନିଅଣ୍ଟ ଏକ ପ୍ରତିଶତଠାରୁ କମ୍।

ଆମେରିକାର ଚଳନ୍ତି ଖାତାରେ ନିଅଣ୍ଟ ଅଧିକ ଥିବାରୁ ସେମାନେ କିପରି ନିଅଣ୍ଟକୁ କମ୍ କରିବେ ସେଥିପାଇଁ ଉଦ୍ୟମ କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଭାବୁଛନ୍ତି ଯେ ଚାଇନା, ମେକ୍ସିକୋ, କାନାଡ଼ା ଏବଂ ୟୁରୋପ ଆମେରିକାଠାରୁ କମ୍ ଆମଦାନୀ କରୁଛନ୍ତି ଏବଂ ତାଙ୍କ ଦେଶକୁ ଅଧିକ ଦ୍ରବ୍ୟ ରପ୍ତାନି କରୁଛନ୍ତି। ଏହା ଫଳରେ କେବଳ ନିଅଣ୍ଟିଆ ପରିସ୍ଥିତି ହେଉଛି ତାହା ନୁହେଁ, ଆମେରିକାର ନିଯୁକ୍ତି ମଧ୍ୟ ଅନ୍ୟ ରାଷ୍ଟ୍ରକୁ ପରୋକ୍ଷରେ ଚାଲିଯାଉଛି। କମ ମଜୁରି, ଶସ୍ତା କଞ୍ଚାମାଲ ଓ ହୁଗୁଳା ପରିବେଶ ନିୟମର ଫାଇଦା ନେଇ ଚାଇନା ଭଳି ରାଷ୍ଟ୍ରଗୁଡ଼ିକ ଅଧିକରୁ ଅଧିକ ଉତ୍ପାଦ କରି ଆମେରିକାକୁ କମ୍ ଦରରେ ରପ୍ତାନି କରିବାରେ ସଫଳ ହେଉଛନ୍ତି। ଏହା ସହିତ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ବ୍ୟବହାର ହେବା ଫଳରେ ନିଯୁକ୍ତି ସୁଯୋଗ ହ୍ରାସ ପାଉଛି। ତେଣୁକରି ଆମେରିକା ନିଜ ଦେଶରେ ଅଧିକରୁ ଅଧିକ ଉତ୍ପାଦନ କରି କେମିତି ଅଧିକ ନିଯୁକ୍ତି ସୃଷ୍ଟି କରି ପାରିବ ତା' ପାଇଁ ଉଦ୍ୟମ କରୁଛି। ଏସବୁ ସତ୍ତ୍ୱେ ବିଶ୍ୱ ବାଣିଜ୍ୟ ୨୦୨୪ ମସିହା ଏବଂ ୨୦୨୫ ମସିହାରେ ଯଥାକ୍ରମେ ୨.୬ ଏବଂ ୩.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ବିଶ୍ୱ ବାଣିଜ୍ୟ ସଂଗଠନ ତରଫରୁ ଆକଳନ କରାଯାଉଛି।



## ଭାରତୀୟ ସେୟାର୍ ବଜାର ହ୍ରାସ

୨୦୨୪ ସେପ୍ଟେମ୍ବର ପରଠାରୁ ଭାରତୀୟ ସେୟାର୍ ବଜାର ବ୍ୟାପକ ମାତ୍ରାରେ ହ୍ରାସ ପାଇଛି। ସେପ୍ଟେମ୍ବର ୨୭, ୨୦୨୪ ରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସର୍ବାଧିକ ୮୫୯୭୮.୨୫ ହାସଲ କରିବା ପରେ କ୍ରମାଗତ ହ୍ରାସ ପାଇ ସର୍ବନିମ୍ନ ୮୩୦୮୬ ରେ ପହଞ୍ଚି ପୁଞ୍ଜି ନିବେଶକମାନଙ୍କର ବ୍ୟାପକ କ୍ଷତି ପହଞ୍ଚାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ପ୍ରାୟ ୧୪ ପ୍ରତିଶତ ହ୍ରାସ ପାଇଁ ପ୍ରାୟ ୮୩ ଲକ୍ଷ କୋଟି ଟଙ୍କାର କ୍ଷତି ପହଞ୍ଚି ସାରିଲାଣି। ସେୟାର୍ ବଜାରର ବ୍ୟାପକ ହ୍ରାସ ପଛରେ ପ୍ରମୁଖ କାରଣ ହେଲା ବିଦେଶୀ ପୁଞ୍ଜି ନିବେଶକମାନଙ୍କର ବ୍ୟାପକ ପୁଞ୍ଜି ପ୍ରତ୍ୟାହାର। ଟଙ୍କା ତୁଳନାରେ ଡଲାରର ମୂଲ୍ୟ ବୃଦ୍ଧି, ଟଙ୍କାର କ୍ରମାଗତ ମୂଲ୍ୟ ହ୍ରାସ ଏବଂ ଭାରତୀୟ ବଜାରରେ ଚାହିଦାର ହ୍ରାସ।

ଭାରତୀୟ ଅର୍ଥନୀତି ବିଶ୍ୱର ପ୍ରମୁଖ ଅର୍ଥନୀତିମାନଙ୍କ ମଧ୍ୟରେ ବେଶ୍ ଭଲ ପ୍ରଦର୍ଶନ କରୁଛି। ୨୦୨୩-୨୪ର ସଂଶୋଧିତ ଆକଳନରୁ ଜଣାପଡୁଛି ଯେ ୨୦୨୩ -୨୪ ରେ ଭାରତୀୟ ଅର୍ଥନୀତି ୯.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି, ଯାହାକି ବିଗତ ୧୨ ବର୍ଷ ମଧ୍ୟରେ ସର୍ବାଧିକ। ସବୁଠାରୁ ଉତ୍ସାହଜନକ କଥା ହେଲା ଯେ ୨୦୨୩ -୨୪ ରେ ଶିଳ୍ପ କ୍ଷେତ୍ର ୧୨.୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବା ସମୟରେ ନିର୍ମାଣ କ୍ଷେତ୍ର ୧୦.୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଅଭିବୃଦ୍ଧିର ମୁଖ୍ୟ କାରକ ଦର୍ଶା ଯାଉଥିବା ଘରୋଇ ଖାଉଟି ପରିବ୍ୟୟ ବିଗତ ବର୍ଷ ତୁଳନାରେ ଅଧିକ ହେବାର ଆକଳନ କରା ଯାଉଛି। ଏହି ଅଭିବୃଦ୍ଧି ଧାରା ଯଦି ଜାରି ରୁହେ, ତେବେ ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ର ହେବାର ଲକ୍ଷ୍ୟ ହାସଲ କରିବାରେ ସଫଳ ହେବ।





## ଭାରତୀୟ ଅର୍ଥନୀତି ଅନେକାଂଶରେ ନିୟନ୍ତ୍ରିତ



ବିକଶିତ ରାଷ୍ଟ୍ର ତୁଳନାରେ ଭାରତୀୟ ଅର୍ଥନୀତି ଅନେକାଂଶରେ ନିୟନ୍ତ୍ରିତ। ବ୍ୟାଙ୍କିଙ୍ଗ ବ୍ୟବସ୍ଥାଠାରୁ ଆରମ୍ଭ କରି ବୈଦେଶିକ ବାଣିଜ୍ୟ, ମୁଦ୍ରା ପରିଚାଳନା, ବିଦେଶୀ ପୁଞ୍ଜି ନିବେଶ ଆଦି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ। ନିୟନ୍ତ୍ରିତ ଅର୍ଥନୀତି ହୋଇଥିବାରୁ ୧୯୯୭ ମସିହା ପୂର୍ବ ଏସିଆ ସଙ୍କଟ ହେଉ କିମ୍ବା ୨୦୦୮ ମସିହା ଆର୍ଥିକ ସଙ୍କଟ ସମୟରେ ଭାରତୀୟ ଅର୍ଥନୀତି ବିଶେଷ ଭାବରେ ପ୍ରଭାବିତ ହୋଇ ନାହିଁ। ଭାରତର ଅର୍ଥନୈତିକ ଢାଞ୍ଚା ଅନ୍ୟ ରାଷ୍ଟ୍ର ତୁଳନାରେ ବେଶ୍ ସୁଦୃଢ଼। ଅନ୍ୟ ରାଷ୍ଟ୍ର ତୁଳନାରେ ଭାରତର ଶିକ୍ଷା ବ୍ୟବସ୍ଥା ସୁଦୃଢ଼। ଭାରତର ଅଧିକାଂଶ ଜନସଂଖ୍ୟା ଉତ୍ପାଦନକ୍ଷମ। ଭାରତର ଗଣତନ୍ତ୍ର ବ୍ୟବସ୍ଥା ସୁଦୃଢ଼। ସରକାର ବଦଳିବା ସହ ନୂଆ ରାଜନୈତିକ ଦଳ କ୍ଷମତାକୁ ଆସିଲେ ମଧ୍ୟ ଅର୍ଥନେତିତିକ ନୀତିରେ ବିଶେଷ ପାର୍ଥକ୍ୟ ନଥାଏ। ସମନ୍ୱିତ ଏବଂ ନିରନ୍ତର ଅର୍ଥନୈତିକ ନୀତି ଯୋଗୁଁ ଘରୋଇ ତଥା ବିଦେଶୀ ପୁଞ୍ଜି ନିବେଶକମାନଙ୍କୁ ଭବିଷ୍ୟତ ପାଇଁ ସଠିକ୍ ଦିଗ୍‌ଦର୍ଶନ ମିଳିଥାଏ। ପୁଞ୍ଜି ନିବେଶକମାନଙ୍କ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ଭାରତର ଗଣତନ୍ତ୍ର ସଫଳ ହୋଇ ପାରିଛି। ଏସବୁ ଢାଞ୍ଚାଗତ ଦୃଢ଼ତା ସତ୍ତ୍ୱେ ଭାରତକୁ ଜାଗ୍ରତ ରହିବାକୁ ପଡ଼ିବ।

ପରିବର୍ତ୍ତିତ ବିଶ୍ୱ ଅର୍ଥନୈତିକ ପରିବେଶରେ ଭାରତକୁ ସତର୍କତାର ସହ ଆଗକୁ ବଢ଼ିବାକୁ ହେବ। କଞ୍ଚାମାଲ ଯୋଗାଣ ହେଉ ବା ଦ୍ରବ୍ୟ ଯୋଗାଣ କ୍ଷେତ୍ରରେ ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରତାକୁ କ୍ରମାଗତ ହ୍ରାସ କରିବାକୁ ପଡ଼ିବ। ଜନସଂଖ୍ୟା ହିସାବରେ ଭାରତ ବର୍ତ୍ତମାନ ସର୍ବବୃହତ୍ ରାଷ୍ଟ୍ର ହୋଇଥିବାରୁ ଚାହିଦାର ବିଶେଷ ଅସୁବିଧା ହେବ ନାହିଁ। କିନ୍ତୁ ଏଥିପାଇଁ ଅର୍ଥନୀତିର ଅଭିବୃଦ୍ଧି ସହ ଆବଣ୍ଟନ ନୀତି ଉପରେ ଗୁରୁତ୍ୱ ଦେବାକୁ ହେବ। ସମସ୍ତ ବର୍ଗର ଅର୍ଥନୈତିକ ଉନ୍ନତି ପାଇଁ ନିଯୁକ୍ତି ହିଁ ସର୍ବୋତ୍ତମ ମାର୍ଗ। ଦେଶର ନାଗରିକମାନଙ୍କୁ ଉତ୍ତମ ଶିକ୍ଷା ଦେଇ କୁଶଳୀ କରିପାରିଲେ ନିଯୁକ୍ତି ସୁଯୋଗ ଆପେ ସୃଷ୍ଟି ହୋଇପାରିବ। ୨୦୪୭ ମସିହା ବେଳକୁ ବିକଶିତ ରାଷ୍ଟ୍ର ହେବା ପାଇଁ ହେଲେ ଶିକ୍ଷା ଓ ତାଲିମ କ୍ଷେତ୍ରରେ ସରକାରୀ ବ୍ୟୟ ବ୍ୟାପକ ମାତ୍ରାରେ ବୃଦ୍ଧି କରିବାକୁ ହେବ।

ଜଗତିକରଣର ପ୍ରତ୍ୟାହାର ସମ୍ବନ୍ଧରେ ବିଶ୍ୱରେ ଆଲୋଚନା ହେଉଥିଲେ ମଧ୍ୟ ବିଶ୍ୱର ମୋଟ ବାଣିଜ୍ୟ ହ୍ରାସ ପାଇନାହିଁ। ବାଣିଜ୍ୟର ପ୍ରକାର ବଦଳିଛି। ତେଣୁକରି ଆମ ରାଷ୍ଟ୍ରର ବାଣିଜ୍ୟ ଦକ୍ଷତା ବୃଦ୍ଧି କରିବାକୁ ହେବ। ନୂଆ ନୂଆ ବଜାରର ଆବିଷ୍କାର କରିବାକୁ ହେବ। ବିଶ୍ୱ ବଜାରକୁ ଦାଖଲ କରିବାକୁ ହେଲେ ଦକ୍ଷତା ଏବଂ ଗୁଣବତ୍ତା ଉପରେ ପ୍ରାଧାନ୍ୟ ଦେବାକୁ ହେବ। ଯୁଦ୍ଧଜନିତ ସଙ୍କଟର ଖୁବ୍‌ଶୀଘ୍ର ସମାଧାନ ହୋଇଗଲେ ବିଶ୍ୱ ଅର୍ଥନୀତି ପୁଣି ନିଜ ରାସ୍ତାକୁ ଫେରି ଆସିବ। କିନ୍ତୁ ସମଗ୍ର ବିଶ୍ୱକୁ ଜଳବାୟୁ ପରିବର୍ତ୍ତନ ରୂପୀ ମହାସଙ୍କଟରୁ ବର୍ତ୍ତିବା ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ପରିବେଶ ସୁରକ୍ଷା, ସର୍ବୋଦୟ, ଏବଂ ପୃଥିବୀ ଉପରେ ଭବିଷ୍ୟତ ପିଢ଼ିର ସମାନ ଅଧିକାର ଆଦି ଦିଗକୁ ଗୁରୁତ୍ୱ ଦେଇ ଅର୍ଥନୈତିକ ଅଭିବୃଦ୍ଧିର ମାର୍ଗ ପ୍ରସ୍ତୁତ କରିବାକୁ ହେବ।

ସାମ୍ପ୍ରତିକ ପରିସ୍ଥିତିରେ କୃତ୍ରିମ ବୁଦ୍ଧିମତ୍ତା, ସବୁଜ ବା କମ୍ ପ୍ରଦୂଷଣଭିତ୍ତିକ ଶକ୍ତି ଉତ୍ସ, ପ୍ରାକୃତିକ ଦୁର୍ବିପାକ ମୁକାବିଲା ପାଇଁ ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦେବାକୁ ହେବ। ଆନ୍ତର୍ଜାତିକ ବଜାରରୁ ଅଧିକରୁ ଅଧିକ ଲାଭ ପାଇବାକୁ ହେଲେ ଅଧିକ ମୂଲ୍ୟଯୁକ୍ତ ଦ୍ରବ୍ୟ ଉତ୍ପାଦନ ଉପରେ ଗୁରୁତ୍ୱ ଦେବାକୁ ହେବ। ରପ୍ତାନି ବୃଦ୍ଧି ପାଇଁ ଭାରତ ମୁଦ୍ରା ଅବମୂଲ୍ୟାୟନ ଏବଂ ରପ୍ତାନି ରିହାତି ନୀତି ଉପରେ ଅଧିକ ଗୁରୁତ୍ୱ ଦେଇଛି। କିନ୍ତୁ ଗବେଷଣାରୁ ଜଣାଯାଏ ଯେ, ଦୀର୍ଘମିଆଦୀ ଯୋଜନା ପାଇଁ ମୁଦ୍ରା ଅବମୂଲ୍ୟାୟନ ଏବଂ ରପ୍ତାନି ରିହାତି ନୀତି ବିଶେଷ ଫଳପ୍ରଦ ନୁହେଁ। ଉତ୍ପାଦନରେ ଦକ୍ଷତା ବୃଦ୍ଧି, ବାଣିଜ୍ୟ ସହାୟକ ସେବା, ଗୁଣବତ୍ତା ରକ୍ଷା, ସରଳୀକରଣ ତଥା ଏକୀକୃତ ପରିବହନ ବ୍ୟବସ୍ଥା ରପ୍ତାନି ଓ ଅନ୍ତଃରାଷ୍ଟ୍ରୀୟ ବାଣିଜ୍ୟ ବୃଦ୍ଧିରେ ସହାୟକ ହୁଏ। ରପ୍ତାନି କ୍ଷମତା ବୃଦ୍ଧି ସହ ଆମଦାନୀ ଦ୍ରବ୍ୟର ବିକଳ୍ପ ଉତ୍ପାଦନ ପାଇଁ ଭାରତ ଓ ରାଜ୍ୟ ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଏଠି ପାଇଁ ବିଦେଶୀ ପୁଞ୍ଜି ଉପରେ ବିଶେଷ ନିର୍ଭର ନକରି ସ୍ୱଦେଶୀ କାରିଗରୀ କୌଶଳ ଏବଂ ପୁଞ୍ଜି ବଳରେ କିପରି ଉତ୍ପାଦନ କରିହେବ ତାଉପରେ ଗୁରୁତ୍ୱ ଦେବାକୁ ହେବ।



ବିଗତ ଦୁଇ ଦଶନ୍ଧିରେ ଅନେକ ମଧ୍ୟମ ଆୟ ରାଷ୍ଟ୍ର ବିକଶିତ ବା ଉଚ୍ଚ ଆୟ ରାଷ୍ଟ୍ରକୁ ରୂପାନ୍ତର ହେବାରେ ବିଫଳ ହୋଇଛନ୍ତି। ସେଥିପାଇଁ ଅନେକ ଏସିଆ ରାଷ୍ଟ୍ର ମଧ୍ୟମ ଆୟ ଫାନ୍ଦ (Midde Income Trap)ରେ ପଡ଼ିଥିବା ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ଭାରତ କିପରି ଭାବରେ ମଧ୍ୟମ ଆୟ ଫାନ୍ଦରୁ ମୁକୁଳି ଉଚ୍ଚ ଆୟ ରାଷ୍ଟ୍ର ହୋଇପାରିବ ତା’ ପାଇଁ ସ୍ୱତନ୍ତ୍ର ବିକାଶ ଧାରା ବାଛିବାକୁ ହେବ। ଅନ୍ୟ ରାଷ୍ଟ୍ର ଅନୁସରଣ କରିଥିବା ପନ୍ଥା ଯେ, ଭାରତ ପାଇଁ ପ୍ରଯୁଜ୍ୟ ହେବ ତାହା ସଠିକ୍ ନ ହୋଇପାରେ। ତେଣୁକରି ଭାରତୀୟ ସ୍ୱତନ୍ତ୍ର ବିକାଶ ଧାରା ନିର୍ଦ୍ଧାରଣ କରିବା ପାଇଁ ସ୍ୱତନ୍ତ୍ର କାର୍ଯ୍ୟବାହିନୀ କରାଯାଇ ପାରିବ। ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ କାର୍ଯ୍ୟ କଲେ ଭାରତ ମଧ୍ୟମ ଆୟ ଫାନ୍ଦରୁ ମୁକୁଳି ବିକଶିତ ରାଷ୍ଟ୍ର ହେବାରେ ନିଶ୍ଚିତ ସଫଳ ହେବ। ■



ଆସୋସିଏଟ୍ ପ୍ରଫେସର, ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର



# ଅସ୍ଥିର ଅର୍ଥନୀତି କିଛି ଚିନ୍ତା





ଡକ୍ଟର ସୁଜିତ କୁମାର ପୃଷେଠ୍



୧୯୩୦ ମସିହା। ଏହି ସମୟରେ ବିଶ୍ୱ ଅର୍ଥନୀତିରେ ବିରାଟ ପରିବର୍ତ୍ତନ ଘଟୁଥିଲା। କାରଣ, ତା'ର ପୂର୍ବ ବର୍ଷ ଅର୍ଥାତ୍ ୧୯୨୯ ମସିହା ବେଳକୁ ବିଶ୍ୱ ଅର୍ଥନୀତିରେ 'ତୀବ୍ର ମାନ୍ଦାବସ୍ଥା' ବା 'ଗ୍ରେଟ୍ ଡିପ୍ରେସନ୍' ବିଶ୍ୱକୁ କବଳିତ କରିବା ଆରମ୍ଭ କରିଥିଲା। ବିଶ୍ୱ ଅର୍ଥନୀତିରେ ୧୯୨୯ରୁ ୧୯୩୯ ମସିହାକୁ 'ତୀବ୍ର ମାନ୍ଦାବସ୍ଥା'ର ନିକଟ ସମୟ ବୋଲି କୁହାଯାଏ। ଏହି ସମୟରେ ନିଯୁକ୍ତି ଅବସର ଅତିମାତ୍ରାରେ ତଳକୁ ଖସି ଯାଇଥିଲା। ବେକାର ହାର ଯୁକ୍ତରାଷ୍ଟ୍ର ଆମେରିକାରେ ୨୫% ପର୍ଯ୍ୟନ୍ତ ପହଞ୍ଚିଥିଲା। ତା' ସାଙ୍ଗକୁ ତତ୍କାଳୀନ ଯୁକ୍ତରାଷ୍ଟ୍ର ଆମେରିକାରେ ଥିବା ପାଖାପାଖି ୨୫୦୦ ବ୍ୟାଙ୍କରୁ ଅର୍ଦ୍ଧାଧିକ ବ୍ୟାଙ୍କ ପାଖରେ କୌଣସି କାମ ନଥିଲା। ଏହାଛଡ଼ା ଯୁକ୍ତରାଷ୍ଟ୍ର ଆମେରିକାରର ଏକ ତୃତୀୟାଂଶ ଚାଷୀ ଆର୍ଥିକ ରୂପରେ ଦେବାଳିଆ ହୋଇ ନିଜ ଜମି ହରେଇ ଥିଲେ। ଆର୍ଥିକ ଅସ୍ଥିରତା ଆମେରିକାକୁ ଦୋହଲାଇ ଦେଇଥିଲା। ଆର୍ଥିକ ଅସ୍ଥିରତା ଯୋଗୁଁ ଆମେରିକାର ସାମାଜିକ ସ୍ଥିତି ଦୁର୍ବଳ ହୋଇଯାଇଥିଲା। ଏତଦ୍ ବ୍ୟତୀତ, ରାଜନୈତିକ ପରିସ୍ଥିତି ତିକ୍ତତାମୟ ଏବଂ ପ୍ରଭାବ ଶୂନ୍ୟ ହୋଇଥିଲା। ତତ୍କାଳୀନ ରାଷ୍ଟ୍ରପତି ହରବର୍ଟ ହୁଭରଙ୍କ ନିଷ୍କ୍ରିୟତା ଯୋଗୁଁ ଆର୍ଥିକ ଅସ୍ଥିରତା ଓ ତତ୍ଜନିତ ସମସ୍ୟାଗୁଡ଼ିକ ଉତ୍କଟ ହୋଇସାରିଥିଲା। ହୁଭର୍ଙ୍କୁ ତା'ର ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିଥିଲା। ହୁଭର୍ ପରାସ୍ତ ହୋଇଥିଲେ ଏବଂ ଫ୍ରେଙ୍କଲିନ୍ ଡି. ରୁଜ୍‌ଭେଲ୍ଟ ଆମେରିକାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ ଆର୍ଥିକ ଅସ୍ଥିରତାକୁ ଦୂର କରିବା ପାଇଁ 'ନ୍ୟୁ ଡିଲ୍' ନାମକ ନୀତି ପ୍ରଣୟନ କରିଥିଲେ। 'ନ୍ୟୁ ଡିଲ୍'ର ପ୍ରମୁଖ ଉଦ୍ଦେଶ୍ୟ ଥିଲା ନିଯୁକ୍ତିର ବ୍ୟାପକ ଅବସର ସୃଷ୍ଟି କରିବା।

## ଆର୍ଥିକ ଅସ୍ଥିରତାର ପ୍ରଭାବ

୧୯୨୯ ମସିହାର 'ଆର୍ଥିକ ଅସ୍ଥିରତା' ଏତେ ଉତ୍କଟ ହୋଇଥିଲା ଯେ ତା'ର ପ୍ରଭାବ ଜର୍ମାନୀରେ ମଧ୍ୟ ପଡ଼ିଥିଲା। ଜର୍ମାନୀର ଅର୍ଥନୀତି ଆମେରିକା ଅର୍ଥନୀତି ଉପରେ ବ୍ୟାପକ ଭାବେ ନିର୍ଭର କରୁଥିଲା। ଜର୍ମାନୀରେ ବେକାରୀ ହାର ୩୦ % କୁ ପହଞ୍ଚି ଯାଇଥିଲା। ଏହି ଆର୍ଥିକ ଉତ୍କଟ ଦିଗର ପ୍ରଭାବ ପଡ଼ିଥିଲା ଜର୍ମାନୀ ରାଜନୀତି ଉପରେ। ଜର୍ମାନୀରେ ରାଜନୈତିକ ଚରମବାଦର ଅଭ୍ୟୁଦୟ ହୋଇଥିଲା। ଯାହାର ପରିଣାମ ହୋଇଥିଲା ଏଡଲଫ୍ ହିଟଲରଙ୍କ ନାଜୀ ପାର୍ଟି ୧୯୩୩ ମସିହାରେ ଜର୍ମାନୀର କ୍ଷମତା ଦାଖଲ କରିଥିଲା। ହିଟଲରଙ୍କ ଦ୍ୱାରା ଜର୍ମାନୀର କ୍ଷମତା ଦଖଲ ପରେ ବିଶ୍ୱ ଇତିହାସ ସଂପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ବିଶ୍ୱରେ ରାଜନୈତିକ ଚରମବାଦର କ୍ରମାଗତ ଉତ୍ଥାନ ବିଶ୍ୱରେ ରାଜନୈତିକ ସଂକଟ ଏବଂ ସାମାଜିକ ବୈଷମ୍ୟକୁ ଉତ୍କଟତର କରିଥିଲା। ସମଗ୍ର ବିଶ୍ୱର ଦେଖିଥିଲା କେମିତି ଆର୍ଥିକ ଅସ୍ଥିରତାକୁ ରାଜନୈତିକ ସଂକଟ ଜନ୍ମ ନିଏ ଏବଂ ତୀବ୍ରତର ହୋଇ ମାନବ ସମାଜର ସ୍ଥିତିକୁ ଦୋହଲେଇ ଦିଏ।




## ଆର୍ଥିକ ଅସ୍ଥିରତାର ପ୍ରମୁଖ କାରଣ ମାନ୍ଦାବସ୍ଥା

୧୯୨୯ ମସିହାରେ ଆରମ୍ଭ ହୋଇଥିବା 'ତୀବ୍ର ମାନ୍ଦାବସ୍ଥା' ବା 'ଗ୍ରେଟ୍ ଡିପ୍ରେସନ୍' କେବଳ ଆମେରିକାକୁ କବଳିତ କରି ନଥିଲା, ବରଂ ପୃଥିବୀର ଅନ୍ୟାନ୍ୟ ଦେଶକୁ ମଧ୍ୟ ଗ୍ରାସ କରିଥିଲା। ୧୯୨୯ ମସିହାରୁ ଆରମ୍ଭ କରି ୧୯୩୨ ମସିହା ପର୍ଯ୍ୟନ୍ତ ଶିଳ୍ପ ଉତ୍ପାଦନ ଆମେରିକାରେ ୪୬% କମିଥିଲା, ଯାହା ଇଂଲଣ୍ଡରେ ୨୩%, ଫ୍ରାନ୍ସରେ ୨୪% ଏବଂ ଜର୍ମାନୀରେ ୪୧ % କମି ଥିଲା। ଅନ୍ତଃରାଷ୍ଟ୍ରୀୟ ବ୍ୟାପାର ଆମେରିକାରେ ୭୦% କମି ଯାଇଥିଲା, ଯାହା ଇଂଲଣ୍ଡରେ ୬୦ %, ଫ୍ରାନ୍ସରେ ୫୪% ଏବଂ ଜର୍ମାନୀରେ ୬୧ % କମିଥିଲା। ଅର୍ଥନୀତିର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ବେକାରୀ ହାର, ଯାହା ଆର୍ଥିକ ଅସ୍ଥିରତାର କ୍ରୂର ପ୍ରଭାବକୁ ଉଜାଗର କରେ। ୧୯୨୯ ମସିହାରୁ ୧୯୩୨ ମସିହା ମଧ୍ୟରେ ଆମେରିକାରେ ବେକାରୀ ହାର ୬୦୭% କୁ ବୃଦ୍ଧି ହୋଇଥିଲା, ଯାହା ଇଂଲଣ୍ଡରେ ୧୨୯% ବୃଦ୍ଧି ହୋଇଥିଲା। ଫ୍ରାନ୍ସରେ ବେକାରୀ ହାର ୨୧୪ % ଏବଂ ଜର୍ମାନୀରେ ୨୩୨ % ବଢ଼ି ସାମାଜିକ ସମସ୍ୟା ସୃଷ୍ଟି କରିଥିଲା।

'ତୀବ୍ର ମାନ୍ଦାବସ୍ଥା' ବା 'ଗ୍ରେଟ୍ ଡିପ୍ରେସନ୍' ସମସ୍ତଙ୍କ ପାଇଁ ଶିକ୍ଷା କୁହାଯାଏ, ୧୮୫୦ ମସିହାରୁ ଆମେରିକା ଅତିକମ୍‌ରେ ୩୪ଟି ମାନ୍ଦାବସ୍ଥା ଦେଖିଛି ବା ମାନ୍ଦାବସ୍ଥାକୁ ଅଙ୍ଗେ ନିଭାଇଛି। ଚଳିତ ସମୟରେ ୨୦୦୮ ରୁ ୨୦୦୯ ମସିହା ମଧ୍ୟରେ ଗୋଟିଏ ଆର୍ଥିକ ମାନ୍ଦାବସ୍ଥା ଏବଂ କୋଭିଡ୍ -୧୯ ସମୟରେ ଏକ ଆର୍ଥିକ ମାନ୍ଦାବସ୍ଥାକୁ ସମଗ୍ର ବିଶ୍ୱ ସାମ୍ନା କରିଛି। ଅର୍ଥନୀତି ତତ୍ତ୍ୱ ଦୃଷ୍ଟିରୁ ଅର୍ଥନୈତିକ କାର୍ଯ୍ୟକଳାପରେ କ୍ରମାଗତ ଅଧୋଗତି ହିଁ, ଆର୍ଥିକ ମାନ୍ଦାବସ୍ଥାକୁ ଜନ୍ମ ଦିଏ। କ୍ରମାଗତ ଭାବେ ତିନି ବର୍ଷ କିମ୍ବା ତଦୂର୍ଦ୍ଧ ସମୟ ବ୍ୟାପୀ ଅର୍ଥନୈତିକ ଅଧୋଗତି ଯାହା ସକଳ ଘରୋଇ ଉତ୍ପାଦ ବା ଜିଡିପିରେ ଗୋଟିଏ ବର୍ଷରେ ୧୦% ହ୍ରାସ ହେବା ଅବସ୍ଥାକୁ ମାନ୍ଦାବସ୍ଥା ଭାବେ ଧରାଯାଏ। ଆର୍ଥିକ ଅସ୍ଥିରତା ପ୍ରମୁଖ କାରଣ ହେଉଛି ମାନ୍ଦାବସ୍ଥା ବା ଡିପ୍ରେସନ୍।


୨୦୦୦ ମସିହା ପରବର୍ତ୍ତୀ ସମୟରେ ଆର୍ଥିକ ଅସ୍ଥିରତା କେବଳ କୌଣସି ଗୋଟିଏ ଦେଶ ମଧ୍ୟରେ ସୀମିତ ହୋଇରହିନାହିଁ। ପୃଥିବୀର ସବୁ ଦେଶରେ ଆର୍ଥିକ ଅସ୍ଥିରତା ରହିଆସିଛି। ଏହାର ପୃଷ୍ଠଭୂମିରେ ରହିଛି ୧୯୯୦ ମସିହାରେ ଆରମ୍ଭ ହୋଇଥିବା ଏଲ୍.ପି.ଜି. ପ୍ରକ୍ରିୟା ବା ଲିବେରାଲାଇଜେସନ୍, ପ୍ରାଇଭେଟାଇଜେସନ୍ ଆଉ ଗ୍ଲୋବାଲାଇଜେସନ୍‌ର ପ୍ରଭାବ। ଏଲ୍.ପି.ଜି. ପ୍ରକ୍ରିୟା ଦ୍ୱାରା ଆର୍ଥିକ ପ୍ରକ୍ରିୟାରେ ସଂସ୍କାର ଆସିଛି। ତା' ସାଙ୍ଗେ ଆର୍ଥିକ ଅସ୍ଥିରତା ଆସିଛି।

# ଆର୍ଥିକ ଅସ୍ଥିରତା ହ୍ରାସ ପାଇଁ ଉଦ୍ୟମ



ଚଳନ୍ତି ବା ସାଂପ୍ରତିକ ସମୟର ଆର୍ଥିକ ଅସ୍ଥିରତା ଉପରେ ଗଭୀର ଓ ଗହନ ଅଧ୍ୟୟନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ହେଉଛନ୍ତି ୨୦୦୧ ମସିହରେ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିବା ଅର୍ଥନୀତିଜ୍ଞ ଜୋସେଫ୍ ଡି. ଷ୍ଟିଗ୍ଲିଜ୍। ତାଙ୍କ ଦ୍ୱାରା ଲିଖିତ ଚର୍ଚ୍ଚିତ ପୁସ୍ତକ ହେଉଛି 'ଗ୍ଲୋବାଲାଇଜେସନ୍ ଏଣ୍ଡ ଇଟସ୍ ଡିସ୍‌କଣ୍ଟେଣ୍ଟସ୍' ଅର୍ଥନୀତିଜ୍ଞ ଷ୍ଟିଗ୍ଲିଜ୍‌ଙ୍କ ମତରେ "ଆଇ.ଏମ୍.ଏଫ୍. ଏବଂ ବିଶ୍ୱ ବ୍ୟାଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ କୌଣସି ଦେଶର ଆର୍ଥିକ ପରିଚାଳନା ଆର୍ଥିକ ଅସ୍ଥିରତାକୁ ହିଁ ଉସ୍‌କେଇବ। ବିଭିନ୍ନ ଦେଶ ନିଜର ସାମାଜିକ, ଅର୍ଥନୈତିକ, ରାଜନୈତିକ ସ୍ଥିତି ଏବଂ ଆବଶ୍ୟକତାକୁ ଭଲ ଭାବରେ ବୁଝି ନିଜ ଦେଶର ଆର୍ଥିକ ପରିଚାଳନା କଲେ ଆର୍ଥିକ ଅସ୍ଥିରତାର ସମ୍ଭାବନା କମିଯିବ।"

୧୯୯୦ ମସିହାର ପରବର୍ତ୍ତୀ ସମୟରେ ସମଗ୍ର ପୃଥିବୀରେ ଅର୍ଥନୈତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଥିଲା। ପୁରୁଣା ଅର୍ଥନୀତି ଚିନ୍ତନକୁ ବଦଳେଇ ନୂଆ ଭାବରେ ଆର୍ଥିକ ଚିନ୍ତନକୁ ପୃଥିବୀର ପାଖାପାଖି ସବୁ ଦେଶରେ ଆରମ୍ଭ କରାଯାଇଥିଲା। ଏହି ନୂଆ ଚିନ୍ତନର ପୃଷ୍ଠଭୂମିରେ ଥିଲେ ଆଇ.ଏମ୍.ଏଫ୍, ୱାଲର୍ଡ ବ୍ୟାଙ୍କ ଏବଂ ଡବ୍ଲ୍ୟୁଟିଓ ଭଳି ସଂସ୍ଥା। ଏହି ସଂସ୍ଥାଗୁଡ଼ିକ ୱାଶିଂଟନରେ ଅବସ୍ଥାପିତ ଏବଂ ଅର୍ଥନୀତି ତତ୍ତ୍ୱରେ ନବଉଦାରବାଦର ପ୍ରଚଣ୍ଡ ସମର୍ଥକ। ସେମାନଙ୍କ ଦ୍ୱାରା ପରିଚାଳିତ ନବଉଦାରବାଦୀ ଅର୍ଥନୀତି ଚିନ୍ତନର ମୂଳରେ ରହିଛି 'ମାର୍କେଟ' ବା 'ବଜାର ବ୍ୟବସ୍ଥା'କୁ ପ୍ରଚଣ୍ଡ ଶକ୍ତିଶାଳୀ କରିବା ଏବଂ ଚଳନ୍ତି ସମୟରେ ଅନ୍ତଃରାଷ୍ଟ୍ରୀୟ ଅଧ୍ୟୟନ ଏବଂ ଅନ୍ତଃରାଷ୍ଟ୍ରୀୟ ଅର୍ଥନୀତିରେ ଏହି ଚିନ୍ତନକୁ 'ୱାଶିଂଟନ୍ କନ୍‌ସେନ୍‌ସସ୍'' ଅଥବା 'ୱାଶିଂଟନ୍ ସହମତି' କୁହାଯାଉଛି।




ଏହି 'ୱାଶିଂଟନ୍ କନ୍‌ସେନସସ୍' ବିରୋଧରେ ପୃଥିବୀର ବହୁଦେଶ ସ୍ୱର ଉତ୍ତୋଳନ କରିଛନ୍ତି।

ଅର୍ଥନୀତିଜ୍ଞ ଜୋସେଫ୍ ଡି. ଷ୍ଟିଗ୍ଲିଜ୍‌ଙ୍କ ମତରେ ଆଇ.ଏମ୍.ଏଫ୍.ର ଅର୍ଥନୀତି ତତ୍ତ୍ୱ ଯୋଗୁଁ ୧୯୯୭ ମସିହାର ଏସୀୟ ବିତ୍ତୀୟ ସମସ୍ୟା ତଥା ୧୯୯୮-୨୦୦୨ର ଅର୍ଜେଣ୍ଟିନାର ତୀବ୍ର ମାନ୍ଦାବସ୍ଥା ଇତ୍ୟାଦି ଘଟିଥିଲା। ପୃଥିବୀର ଅନ୍ୟାନ୍ୟ ଦେଶରେ ହେଉଥିବା ଆର୍ଥିକ ଅସ୍ଥିରତା ପଛରେ 'ୱାଶିଂଟନ୍ କନ୍‌ସେନସସ୍'' ବା 'ୱାଶିଂଟନ୍ ସହମତି' ବହୁମାତ୍ରାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଦାୟୀ। 'ବଜାର ବ୍ୟବସ୍ଥା' ବା 'ମାର୍କେଟ' ବେଲଗାମ୍ ହୋଇ ମନମୁଖି କାର୍ଯ୍ୟ କରୁଥିବାରୁ ତାହା ଆର୍ଥିକ ଅସ୍ଥିରତାର ସୂତ୍ରପାତ କରାଏ। ଆର୍ଥିକ ଅସ୍ଥିରତା ରାଜନୈତିକ ଚରମବାଦକୁ ପ୍ରଶ୍ରୟ ଦେବା ସହ ଆର୍ଥିକ ବିସଙ୍ଗତି ମଧ ଉପୁଜାଏ। ସେହି ଆର୍ଥିକ ବିସଙ୍ଗତି ମଧ୍ୟରେ ରହିଛି 'କ୍ରୋନୀ କେପିଟାଲିଜମ୍' ତଥା ଆର୍ଥିକ ବୈଷମ୍ୟ। ଚଳନ୍ତି ସମୟରେ ଆର୍ଥିକ ଅସ୍ଥିରତା, କ୍ରୋନୀ କେପିଟାଲଜିମ୍ ତଥା ଆର୍ଥିକ ବୈଷମ୍ୟ ଉପରେ ମୌଳିକ ଚିନ୍ତନ ପ୍ରସ୍ତୁତ କରିଛନ୍ତି ଫରାସୀ ଅର୍ଥନୀତିଜ୍ଞ ଥୋମାସ୍ ପିକେଟୀ। ତାଙ୍କ ଦ୍ୱାରା ରଚିତ 'କେପିଟାଲ୍ ଇନ୍ ଦି ଟ୍ୱେଣ୍ଟି ଫାର୍ମ ସେଞ୍ଚୁରୀ' ସାଂପ୍ରତିକ ସମୟର ଆର୍ଥିକ ଅସ୍ଥିରତା ଏବଂ ଆର୍ଥିକ ବୈଷମ୍ୟ ଉପରେ ଆଖି ଖୋଲି ଦେଇଥିବା ଚିନ୍ତନର ସମାହାର। ପେରିସ୍ ପରେ ଥିବା ୱାଲର୍ଡ ଇନ୍‌ଇକ୍ୱାଲିଟି ଲେବ୍‌ର ନିର୍ଦ୍ଦେଶକ ଥୋମାସ୍ ପିକେଟୀଙ୍କ ମତରେ "୧୯୯୦ ମସିହାଠାରୁ ଆରମ୍ଭ ହୋଇଥିବା ଆର୍ଥିକ ଉଦାରୀକରଣ ଯୋଗୁଁ ଧନୀ ଏବଂ ଗରିବଙ୍କ ମଧ୍ୟରେ ଆର୍ଥିକ ପାର୍ଥକ୍ୟ ବଢ଼ିଛି। ଧନୀ ଆହୁରି ଧନୀ ହୋଇଛି ଏବଂ ଗରିବ ଆହୁରି ଗରିବ ହୋଇଛି।" ପିକେଟୀଙ୍କ ମତରେ "ପୃଥିବୀର ସବୁଠାରୁ ଗରିବଙ୍କ ମଧ୍ୟରୁ ୫୦% ପୃଥିବୀର ସମୁଦାୟ ସମ୍ପତ୍ତିର ୫% ମଧ ଅଂଶୀଦାର ନୁହଁନ୍ତି, ଅନ୍ୟ ଅର୍ଥରେ ପୃଥିବୀର ସମୁଦାୟ ସଂପତ୍ତିକୁ ଅତ୍ୟନ୍ତ ମୁଷ୍ଟିମେୟ ବ୍ୟକ୍ତି ଅକ୍ତିଆର କରିଛନ୍ତି, ଏବଂ ପୃଥିବୀର ସଂଖ୍ୟାଧିକ ବ୍ୟକ୍ତିଙ୍କ ହାତରେ ଅତ୍ୟନ୍ତ ଏବଂ ନଗଣ୍ୟ ସଂପତ୍ତି ରହିଛି।" ଏହା ହିଁ ଆର୍ଥିକ ଅସ୍ଥିରତାର ମୁଖ୍ୟ କାରଣ ଏବଂ ସାମାଜିକ ବୈଷମ୍ୟର କାରଣ। ଏ ଦିଗରେ ଏହି ଆଲୋଚନାକୁ ଆଗେଇ ନେବାରେ ସହାୟକ ହୋଇଛି ୱାଲର୍ଡ ଇନ୍‌ଇକ୍ୱାଲିଟୀ ରିପୋର୍ଟ। ୨୦୨୨ ମସିହାର ରିପୋର୍ଟ ଅନୁସାରେ ଆୟ ଏବଂ ସମ୍ପତ୍ତି ହେଲେ ଦୁଇଟି ମୁଖ୍ୟ ବିଷୟ, ଯାହା ଉପରେ ଆର୍ଥିକ ବୈଷମ୍ୟକୁ ଅଧ୍ୟୟନ କରାଯାଇପାରେ। ବିଶ୍ୱର ଗରିବମାନଙ୍କ ମଧ୍ୟରୁ ସଂଖ୍ୟାଧିକ ବ୍ୟକ୍ତିଙ୍କ ଆୟ ୨୯୦୦ ୟୁରୋ ଏବଂ ସର୍ବାଗ୍ରେ ରହୁଥିବା ଧନୀଙ୍କ ଆୟ ଗରିବଙ୍କ ଆୟ ପାଖାପାଖି ୧୯୦ ଗୁଣ ବେଶୀ। ଏଥିରେ ପୁଣି ରହିଛି ଲିଙ୍ଗଗତ ବୈଷମ୍ୟ। ଲିଙ୍ଗଗତ ବୈଷମ୍ୟ ଯୋଗୁଁ ଆର୍ଥିକ ଓ ସାମାଜିକ ଅସମାନତା ରହିଛି। ଆର୍ଥିକ ଅସମାନତା ଏବଂ ଆର୍ଥିକ ଅସ୍ଥିରତା ହାତରେ ହାତ ମିଶେଇ ଚାଲିବା ସାଂପ୍ରତିକ ସମୟର ବଡ଼ ଚିନ୍ତା।




ଆର୍ଥିକ ଅସ୍ଥିରତା ଏବେ ଆହୁରି ଘନୀଭୂତ ହେବା ଆଶଙ୍କା ଉପୁଜିଛି। ଯୁକ୍ତରାଷ୍ଟ୍ର ଆମେରିକାରେ ଡୋନାଲ୍ ଟ୍ରମ୍ପ୍ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱରେ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଅସ୍ଥିରତା ତୀବ୍ରତର ହୋଇଛି। ବାଣିଜ୍ୟିକ ଶୁଳ୍କକୁ ନେଇ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ ହେବା ଦେଖାଦେଇଛି। ଅର୍ଥନୀତି ତତ୍ତ୍ୱ ଦୃଷ୍ଟିରୁ ଯୁକ୍ତରାଷ୍ଟ୍ର ଆମେରିକା ବର୍ତ୍ତମାନ ବାଣିଜ୍ୟିକ ସଂରକ୍ଷଣବାଦୀ ବା 'ପ୍ରୋଟେକନଜିମ୍'ର ପକ୍ଷଧର ଟ୍ରମ୍ପଙ୍କ ସାମ୍ନାରେ ଆର୍ଥିକ ଅସ୍ଥିରତା ସହ ଏକ ମାନ୍ଦାବସ୍ଥାର ଆଶଙ୍କା ରହିଛି। ଏ ପରିପ୍ରେକ୍ଷୀରେ ନୋବେଲ ପୁରସ୍କାରପ୍ରାପ୍ତ ଜୋସେଫ୍ ଡି. ଷ୍ଟିଗ୍ଲିଜ୍‌ଙ୍କ ମତ ପ୍ରଣିଧାନଯୋଗ୍ୟ। ତାଙ୍କ ମତରେ "ଧନାଢ଼୍ୟ ଦେଶଗୁଡ଼ିକ ବାଣିଜ୍ୟିକ ସଂରଣକ୍ଷବାଦୀ ନୀତି ଆପଣେଇଲେ ତାହା ଅନ୍ୟାନ୍ୟ ଦେଶ ପାଇଁ ଆର୍ଥିକ ସଂକଟ ସୃଷ୍ଟି କରିବ, କିନ୍ତୁ ତା'ଠାରୁ ଆହୁରି ଘାତକ ଧନାଢ଼୍ୟ ଦେଶ ପାଇଁ ହେବ।" ■



ଆଇ.ଆଇ.ଏମ୍., ସମ୍ବଲପୁର
ମୋ: ୯୮୬୮୭୬୬୭୦୫






# ନୀତି ଅନୀତି ରାଜନୀତି

ଶ୍ରୀବିଦୁର



## ତଡ଼ାଖିଆ ନେତାଙ୍କ ଶବ୍ଦ ବୋମା

ପଦ୍ମ ଦଳର ସମ୍ବଲପୁରୀ ହଠ ନେତା ହେଲେ ଜୟନାରାୟଣ । ଥରେ ତାଙ୍କ ପାଟିରୁ ଯାହା ବାହାରିଗଲା ତାହା ବେଦର ଗାର । ଯାହା ଥରେ କହନ୍ତି ତାକୁ ସେ ବାରମ୍ବାର ଦୋହରାଇବାକୁ କେବେ କୁଣ୍ଠାବୋଧ କରନ୍ତି ନାହିଁ । ପୂର୍ବରୁ ସେ ଶଙ୍ଖପତିଙ୍କ ସରକାରରେ ଢ଼େର ଦିନ ପରିବହନ ମନ୍ତ୍ରୀ ଥିଲେ । ଗଲା ବିଧାନସଭାରେ ବିରୋଧୀ ଦଳ ନେତା ଥିଲେ । ଆଜିକାଲି ତାଙ୍କଠାରେ ଯେଉଁ ଦୁର୍ଲଭ ଗୁଣ ବିକଶିତ ହୋଇଛି, ସେତେବେଳେ ଦେଖା ଯାଉ ନ ଥିଲା । ମାତ୍ର ଯେବେଠାରୁ ରାଜ୍ୟରେ ପଦ୍ମ ସରକାର ହେଲାଣି, ସେବେଠାରୁ ଜୟନାରାୟଣ ଅତିମାତ୍ରାରେ ମୁଖର ହୋଇ ପଡ଼ିଛନ୍ତି । ଏକ ସମୟରେ ତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ କରିବ ବୋଲି ସମ୍ବଲପୁରରେ ଚର୍ଚ୍ଚା ହେଉଥିଲା, ମାତ୍ର ସମୟ ଏମିତି ହେଲା ଯେ ମୁଖ୍ୟମନ୍ତ୍ରୀ ତ ଦୂରର କଥା, ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ଉତ୍ସବରେ ତାଙ୍କୁ ଦେଖିବାକୁ ମିଳିଲା ନାହିଁ । ଷଣ୍ଢ ନାଲିଗାମୁଛା ଦେଖିଲେ ଯେମିତି ଭୁସିବାକୁ ଧାଇଁଆସେ, ସେମିତି ଆଜିକାଲି ବୁମ୍ ଦେଖିବା କ୍ଷଣି ସେ ଚିହିଁକି ଉଠୁଛନ୍ତି ବୋଲି ତାଙ୍କ ବିରୋଧୀମାନେ କହୁଛନ୍ତି । ନିଜକୁ ତଡ଼ାଖିଆ, ଛୋଟକାଟିଆ ନେତା ବୋଲି କହୁଥିବା ଜୟନାରାୟଣଙ୍କ ଶବ୍ଦ ବୋମା ଖାଲି ତାଙ୍କ ନିର୍ବାଚନମଣ୍ଡଳୀ ସମ୍ବଲପୁରରେ ନୁହେଁ, ରାଜଧାନୀରେ ଦଳୀୟ କାର୍ଯ୍ୟାଳୟ, ଏପରିକି ବିଧାନସଭା ପରିସରରେ ବି କମ୍ପମାନ ହୋଇଛି । ଯାହାକୁ ନେଇ ପଦ୍ମ ଦଳିଆ ନେତା ଆଉ ସରକାର ଉଭୟ ଅକଳରେ । ତେବେ କୌତୂହଳର କଥା ହେଉଛି; ଜୟଙ୍କ ଏହି ବିବାଦୀୟ ଭୂମିକାକୁ କିଛି ପଦ୍ମ ଦଳିଆ ନେତା ଖାଲି ଉପଭୋଗ କରୁନାହାନ୍ତି, ଅନ୍ୟଜଣେ ପ୍ରଭାବଶାଳୀ ନେତାଙ୍କ ମୁଣ୍ଡରେ ନଡ଼ିଆ ଭାଙ୍ଗିବାକୁ ଦିଲ୍ଲୀରେ ପୂରା ଦମ୍ ଲଗେଇ ଦେଇଛନ୍ତି । ■




## ଗହମ ମଦ ଖରାପ, ମାଣ୍ଡିଆ ଭଲ!

ଭୋଟ ବେଳେ ପଦ୍ମୁଅଁ ଦଳର ରାଜ୍ୟ ଆଉ ଜାତୀୟ ନେତାମାନେ ଓଡ଼ିଶାରେ ଘମାଘୋଟ ପ୍ରଚାର କଲେ । ତାଙ୍କ ପେଁ କାଳି ବଜାଇବାକୁ ହାତୀ, ଘୋଡ଼ା ପରି ନାନାଦି ପ୍ରତିଶ୍ରୁତି ଦେଲେ । ଯା ଭିତରେ ଗୋଟାଏ ପ୍ରତିଶ୍ରୁତି ଥିଲା ଓଡ଼ିଶାରୁ ମଦବନ୍ଦ ସଂକ୍ରାନ୍ତରେ । ସରକାର ଆସିବା ପରେ ମନ୍ତ୍ରୀ ନିତ୍ୟାନନ୍ଦ ବି ଏହାକୁ ଘୋଷି ହେଲେ । ରାଜ୍ୟରୁ ମଦକୁ ସମ୍ପୂର୍ଣ୍ଣ ବିଲୋପ କରାଯିବ ବୋଲି କହିଲେ । ବୁମ୍‌ଧାରୀଙ୍କଠାରୁ କଲମଧାରୀମାନେ ସମସ୍ତେ ଏହାକୁ ପ୍ରାଥମିକତା ଦେଇ ପ୍ରସାର କଲେ । ହେଲେ ଫଳ ଫଳିଲା ଫୁସ୍ । ଯେତେବେଳେ ଅବକାରୀମନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚରାଗଲା, ସେ ରୋକଠୋକ୍ ଏ ସମ୍ପର୍କରେ ଶୁଣାଇଲେ ନାସ୍ତିବାଣୀ । କଥାଟା ଏତିକିରେ ଥିଲେ ତ ଚଳିଥାଆନ୍ତା, ମାତ୍ର ଏବେ ଅବକାରୀ ବିଭାଗ ମାଣ୍ଡିଆ ଓ ଅନୁରୂପ କ୍ଷୁଦ୍ରଶସ୍ୟରୁ ମଦ ପ୍ରସ୍ତୁତ ଯୋଜନା କରୁଥିବା ଶୁଣିବା ପରେ ସାଧାରଣ ଲୋକେ ମୁଣ୍ଡରେ ହାତ ଦେଇ ବସିଛନ୍ତି, ଆଉ ମଦ୍ୟାସକ୍ତମାନେ ଆନନ୍ଦରେ କୁରୁଳୁଥିବା ଦେଖାଯାଉଛି । ଗହମ, ଯଅ, ଚାଉଳ, ମକାରୁ ମଦ ପ୍ରସ୍ତୁତ ହୋଇ ବିକ୍ରି ହେଉଥିଲା; ଏବେ ମାଣ୍ଡିଆ ପରି ଅନ୍ୟ କ୍ଷୁଦ୍ରଶସ୍ୟରୁ ସରକାର ମଦ ପ୍ରସ୍ତୁତ କରିବେ । ହେଲେ ଶଙ୍ଖ ଦଳର ଆଗଧାଡ଼ିଆ ନେତା ରାଜା ସ୍ୱାଇଁଙ୍କୁ ଏ କଥାଟା ସହଜରେ ହଜମ ହେଉନାହିଁ । ବିଧାନସଭାରେ ସରକାରଙ୍କୁ ଏଥିପାଇଁ ସେ କୁଆଡ଼େ ଭଲ କରି ଧୂଳେଇ କରିଛନ୍ତି । ଅବକାରୀ ବିଭାଗ ଆଉ ସରକାରଙ୍କ ପାନୀୟ ନିଗମ ଉପରେ ରାଜା ପ୍ରବଳ ବର୍ଷିଛନ୍ତି । ମଦ ପେଇ ଆଦିବାସୀଙ୍କୁ ମାରିବା ପାଇଁ ସରକାର ଯୋଜନା କରିଛନ୍ତି ବୋଲି ଶ୍ରୀ ସ୍ୱାଇଁ କରିଥିବା ଆକ୍ଷେପ କୁଆଡ଼େ ସିଧା ପଦ୍ମୁଅଁ ନେତାଙ୍କ ହୃତ୍‌ପିଣ୍ଡରେ ବାଜିଛି ବୋଲି ଲୋକେ କହୁଛନ୍ତି । ■



## ଚର୍ଚ୍ଚାରେ ସେଇ ଚତୁର୍ଥ ପ୍ରସଙ୍ଗ

ରାଜନୀତି ପଶାପାଲିରେ ଗୋଟି ଚଳାଇବାରେ ଦିଲ୍ଲୀପ ରାୟଙ୍କ ସମକକ୍ଷ ନେତା ରାଜ୍ୟରେ ବିରଳ । ୨୦୧୪ ପୂର୍ବରୁ ପଦ୍ମ ଦଳର ଶୀର୍ଷ ନେତାଙ୍କ ସହ ତାଙ୍କର ଜବରଦସ୍ତ ସମ୍ପର୍କ କାହାକୁ ଅଜଣା ନାହିଁ । ମାତ୍ର କେନ୍ଦ୍ରରେ ପଦ୍ମ ସରକାର ଆସିବା ପରେ ସେହି ସମ୍ପର୍କରେ ଯେମିତି କାହାର ନଜର ଲାଗିଗଲା, ପରବର୍ତ୍ତୀ ସମୟରେ କୋଣଠେସା ହୋଇ ଦିଲ୍ଲୀପଙ୍କ ସହ ତାଙ୍କର ରାଜନୈତିକ ସତୀର୍ଥ ବିଜୟ ମହାପାତ୍ର ଦଳରୁ ଅଲଗା ହୋଇଗଲେ । ୨୦୨୪ରେ ପୁଣି ସେ ପଦ୍ମ ଶିବିରକୁ ଫେରିଲେ ସିନା, ରାଉରକେଲାରୁ ବିଜୟୀ ହୋଇ ପାରିଲେ ନାହିଁ । ମାତ୍ର ଖୁବ୍ ଶୀଘ୍ର ଦିଲ୍ଲୀପଙ୍କ ଭାଗ୍ୟୋଦୟ ହେବ ବୋଲି ଜଣେ ନ୍ୟୁମୋରୋଲୋଜିଷ୍ଟ (ସଂଖ୍ୟା ଜ୍ୟୋତିଷ) କହିଥିବା ଶୁଣିବାକୁ ପାଇଛୁ । ୨୦୨୫ ହେଉଛି ମଙ୍ଗଳଙ୍କ ବର୍ଷ ଓ ୯ ତାରିଖ, ୧୮ ତାରିଖ, ୨୭ ତାରିଖରେ ଜନ୍ମ ନେଇଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏ ବର୍ଷଟି କୁଆଡ଼େ ବେଶ୍ ଭଲ । ଦିଲ୍ଲୀପଙ୍କ ଜନ୍ମ ତାରିଖ ୯, ତେଣୁ ରାଜନୈତିକ ଦୃଷ୍ଟିରୁ ଚଳିତ ବର୍ଷ ତାଙ୍କ ପାଇଁ ବେଶ ଶୁଭପ୍ରଦ । ନିକଟରେ ଦିଲ୍ଲୀପ ନିଜ ଫେସ୍‌ବୁକ୍‌ରେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ରାଉରକେଲାର ସ୍ୱାର୍ଥ ସମ୍ବଳିତ ୩ଟି ପ୍ରସଙ୍ଗ ସମ୍ପର୍କରେ ଉଲ୍ଲେଖ କରିବା ପରେ ତାଙ୍କ ସମର୍ଥକ ଭାରି ଉତ୍ସାହିତ । ଯେଉଁ ରେଳ ଡିଭିଜନ କଥା ପଦ୍ମଦଳିଆ ନେତା, ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀରେ କହିବାକୁ ଡରୁଛନ୍ତି, ସେ କଥା ଦିଲ୍ଲୀପ ସିଧା ପ୍ରଧାନମନ୍ତ୍ରୀଙ୍କୁ କହିପାରିଥିବାରୁ ତାଙ୍କ ସମର୍ଥକ ଉଲ୍ଲସିତ । ହେଲେ ପ୍ରଧାନମନ୍ତ୍ରୀଙ୍କ ସହ ୩ଟି କଥା ବାଦ୍ ଆଉ ଆଉ ଗୋଟିଏ ଅର୍ଥାତ୍ ଚତୁର୍ଥ ପ୍ରସଙ୍ଗକୁ ନେଇ ନିଭୃତ ଚର୍ଚ୍ଚା ହୋଇଛି; ସେଇ ଚତୁର୍ଥ ପ୍ରସଙ୍ଗଟି କ'ଣ, କେହି କହିପାରୁ ନାହାନ୍ତି । ■



## ଅଣ୍ଟିଛୁରୀ କାଟିଲା ତଣ୍ଟି

ବିରୋଧୀଙ୍କୁ ଛିଗୁଲେଇବା ଓ ଅକଥ୍ୟ ଆକ୍ଷେପରେ ପଦ୍ମ ଦଳର ଯୁବନେତାମାନଙ୍କ ମଧ୍ୟରୁ ଯୁବମୋର୍ଚ୍ଚାର ପୂର୍ବତନ ସଭାପତି ଟଙ୍କଧର ସମସ୍ତଙ୍କଠାରୁ ଆଗରେ । ଏପରିକି ଇରାଶିଷ, ଅଭିଲାଷଙ୍କ ପରି ଯୁବନେତାମାନେ ବି ତାଙ୍କ ପାସଙ୍ଗରେ ପଡ଼ିବେ ନାହିଁ ବୋଲି ରାମମନ୍ଦିର ଆଖଡ଼ାରେ ଭାରି ଚର୍ଚ୍ଚା ହୁଏ । ଏଥିପାଇଁ ତାଙ୍କ ଦଳର ଅନେକ ବଡ଼ ନେତା ଟଙ୍କଧରଙ୍କୁ ପ୍ରଶଂସା କରନ୍ତି, କେହିକେହି ଈର୍ଷାଳୁ ସାଥୀ ପଛରେ ତାଙ୍କ ସମାଲୋଚନା ବି କରିଥାଆନ୍ତି । ଟଙ୍କଧର ନିର୍ବିକାର ଭାବରେ ପ୍ରଶଂସା ଓ ନିନ୍ଦାକୁ ଗ୍ରହଣ କରନ୍ତି । ମାତ୍ର ଏବେ କିଛିଦିନ ହେଲା ଟଙ୍କଧରଙ୍କ ସତେଜ ହସହସିଆ ମୁହଁଟି ଖରାଦିନିଆ ବନ୍ଧାକୋବି ପରି ଝାଉଁଳି ପଡ଼ିଛି । ନିର୍ବାଚନ ସମୟରେ ସେ ନାମାଙ୍କନ ପତ୍ରରେ ଯେଉଁ ସତ୍ୟପାଠ ସଂଲଗ୍ନ କରିଥିଲେ, ସେଥିରେ କୁଆଡ଼େ ଅନେକ ଅସତ୍ୟ ତଥ୍ୟ ଥିବା ତାଙ୍କ ପ୍ରତିପକ୍ଷ ଦୀପାଳି କରିଥିବା ଅଭିଯୋଗକୁ ହାଇକୋର୍ଟ ଗ୍ରହଣ କରିଛନ୍ତି । ସତ୍ୟପାଠରେ ୪ଟି ଆପରାଧିକ ମାମଲା ସଂକ୍ରାନ୍ତ ତଥ୍ୟ ଗୋପନ ରଖାଯାଇଥିବା, ନିର୍ଦ୍ଦିଷ୍ଟ ଭାବରେ ୮ଟି ଭୋଟ ଗ୍ରହଣ କେନ୍ଦ୍ରରେ ଅନିୟମିତତା ହୋଇଥିବା ଓ ଦୀପାଳିଙ୍କ ସପକ୍ଷରେ ଯାଇଥିବା ୧୦୦ଟି ଡାକ ଭୋଟକୁ ଖାରଜ କରାଯାଇଥିବା ଅଭିଯୋଗ ଟଙ୍କଧରଙ୍କ ଶିରପୀଡ଼ା ବଢ଼ାଇ ଦେଇଛି । ଏତିକି ବେଳକୁ ଦୀପାଳିଙ୍କ ଅଭିଯୋଗକୁ ଖାରଜ କରିବାକୁ ଟଙ୍କଧରଙ୍କ ଆବେଦନକୁ ବି ଅଦାଲତ ଗ୍ରହଣ କରିବା ପରିବର୍ତ୍ତେ ଫର୍ମ ୨୫ରେ ସାନି ସତ୍ୟପାଠ ଦେବାକୁ ନିର୍ଦ୍ଦେଶ ଟଙ୍କଙ୍କ ପାଇଁ କଟା ଘା'ରେ ଚୂନ ମାରିବା ପରି ହୋଇଛି । ତାଙ୍କ ନିଜ ଲୋକ ଯେ ଅଣ୍ଟି ଛୁରୀ ହେବେ ସେ କଥା ଭାବିଭାବି ଟଙ୍କଙ୍କ ଆଖିକୁ ଆଉ ନିଦ ଆସୁନି । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।